


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୧୯ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 19 JULY 2022
Vol.No. 35 ■ No. 187 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ସରିଲା ରାଷ୍ଟ୍ରପତି ନିର୍ବାଚନ




ନୂଆଦିଲ୍ଲୀ, ୧୮/୦୭ : ଦେଶର ପଞ୍ଚଦଶତମ ରାଷ୍ଟ୍ରପତି ନିର୍ବାଚନ ପାଇଁ ଶେଷ ହୋଇଛି ମତଦାନ । ସଂସଦରେ ପ୍ରଧାନମନ୍ତ୍ରୀଙ୍କ ସହ ସାଂସଦ ଓ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକମାନେ ଭୋଟ ଦେଇଛନ୍ତି । ଦିନ ୧୦ଟାରୁ ଆରମ୍ଭ ହୋଇଥିବା ମତଦାନ ପ୍ରକ୍ରିୟା ଅପରାହ୍ନ ୫ଟା ଯାଏଁ ଚାଲିଥିଲା । ଦେଶର ସର୍ବୋଚ୍ଚ ପଦବୀ ପାଇଁ ନିର୍ବାଚନ ମୈଦାନରେ ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଏବଂ ମିଳିତ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି । ଦ୍ରୌପଦୀଙ୍କ ସମର୍ଥନରେ ୪୪ଟି ଦଳ ରହିଥିବା ବେଳେ ଯଶୱନ୍ତଙ୍କ ସମର୍ଥନରେ ୩୪ଟି ଦଳ ରହିଛି । ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ହ୍ୱିପ୍ ଲାଗୁ ହୁଏ ନାହିଁ । ପ୍ରାୟ ୪ ହଜାର ୮ ଶହ ନିର୍ବାଚିତ ସାଂସଦ ଓ ବିଧାୟକଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ ଏହି ମତଦାନରେ ଭାଗନେଇଥିଲେ ମୁର୍ମୁଙ୍କ ସପକ୍ଷରେ ୬୦ ପ୍ରତିଶତରୁ ଅଧିକ ଭୋଟ୍ ମିଳିପାରେ ବୋଲି ଆଶା କରାଯାଉଛି । ମୋଟ୍ ୧୦ ଲକ୍ଷ ୮୬ ହଜାର ୪୩୧ ମୂଲ୍ୟ ଭୋଟ୍ ମଧ୍ୟରୁ ମୁର୍ମୁଙ୍କ ସପକ୍ଷରେ ୬ ଲକ୍ଷ ୬୭ ହଜାରରୁ ଅଧିକ ମୂଲ୍ୟଭୋଟ୍ ମିଳିବାର ସମ୍ଭାବନା ରହିଛି । ରାଷ୍ଟ୍ରପତି ନିର୍ବାଚନରେ କ୍ରସ ଭୋଟିଂ ଅଭିଯୋଗ ମଧ୍ୟ ହୋଇଛି । ଉତ୍ତରପ୍ରଦେଶ, ଗୁଜରାଟ, ଓଡିଶା ଓ ଆସାମରେ କ୍ରସ ଭୋଟିଂ ଦେଖିବାକୁ ମିଳିଛି । ଉତ୍ତରପ୍ରଦେଶ ବରେଲୀରୁ ସପା ବିଧାୟକ ସହଜିଲ ଇସଲାମ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନରେ ଭୋଟ ଦେଇଛନ୍ତି । ଗୁଜରାଟରେ ଶରଦ ପାୱାରଙ୍କ ଦଳ ଏନସିପି ବିଧାୟକ କନ୍ଧାଲ ଏସ୍ ଜାଜେଡା ମୁର୍ମୁଙ୍କୁ ଭୋଟ ଦେଇଥିବା ଜଣାପଡିଛି ।

▶▶ପୃଷ୍ଠା ୭

# ଆରମ୍ଭ ହେଲା ସଂସଦର ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ, ୧୮/୦୭ : ଆରମ୍ଭ ହୋଇଛି ସଂସଦର ମୌସୁମୀ ଅଧିବେଶନ । ଅଧିବେଶନର ପ୍ରଥମ ଦିନରୁ ହିଁ ଗୃହରେ ହଙ୍ଗାମା କରିଛନ୍ତି ବିରୋଧୀ । ଜିଏସଟି ଓ ମୁଦ୍ରାସ୍ଫିତି ବୃଦ୍ଧିକୁ ବିରୋଧ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳ ରାଜ୍ୟସଭା ଓ ଲୋକସଭାରେ ହଙ୍ଗାମା କରି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ଉଭୟ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଛି । ଏଥରକ ଅଧିବେଶନ ସଫଳତା ପୂର୍ବକ ସାରିବା ପାଇଁ ସଂସଦର ସମସ୍ତ ସଦସ୍ୟଙ୍କୁ ଅପିଲ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ବିତର୍କରେ ଅଂଶଗ୍ରହଣ କରି ଅଧିବେଶନକୁ ଅଧିକରୁ ଅଧିକ ଫଳପ୍ରଦ କରିବା ସାଂସଦମାନଙ୍କୁ ଅନୁରୋଧ କରିଥିଲେ ପ୍ରଧାନମନ୍ତ୍ରୀ । ମୋଦୀ କହିଛନ୍ତି ସମସ୍ତଙ୍କ ପ୍ରୟାସ ବଳରେ ଆମ ସଂସଦ କାର୍ଯ୍ୟ କରେ । ସର୍ବୋତ୍ତମ ନିଷ୍ପତି ଗ୍ରହଣ କରୁଥିବାରୁ ସାଂସଦମାନେ ନିଜର ଭୂମିକା ସୂଚାରୁରୂପେ ତୁଲାନ୍ତୁ । ମନରେ କୌଣସି ପ୍ରକାର ଦ୍ୱନ୍ଦ କିମ୍ବା ଦ୍ୱିଧା ନରଖି ସଂସଦରେ ବିତର୍କ ଓ ଆଲୋଚନା କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅଧିବେଶନ ଆରମ୍ଭରେ ରାଜ୍ୟସଭାରେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଂଜୋ ଆବେ, ୟୁଏଇର ରାଷ୍ଟ୍ରପତି ଶେଖ ଖଲିଫା ବିନ ଜାଏଦ ଅଲ ନାହାନ, ଶାସ୍ତ୍ରୀୟ ସଂଗୀତଜ୍ଞ ପଣ୍ଡିତ ଶିବକୁମାର ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଦିଂବଗତଙ୍କ ପାଇଁ ୨ ମିନିଟର ନୀରବ ପ୍ରାର୍ଥନା କରାଯାଇଛି । ଏଥରକ ଅଧିବେଶନରେ ସରକାର ୩୨ଟି ବିଲ ତାଲିକାଭୁକ୍ତ କରିଛନ୍ତି । ସେଥିମଧ୍ୟରେ ୧୪ଟି ନୂଆ ବିଲ ରହିଛି । ସଂସଦରେ ବର୍ତମାନ ୩୫ଟି ବିଲ ବିଚାରଧୀନ ରହିଛି । ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହରେ ନୂଆ ୨୮ଜଣ ସଦସ୍ୟମାନଙ୍କୁ ଶପଥ ପାଠ କରାଯାଇଛି । ଜୁଲାଇ ୧୮ରୁ ଆରମ୍ଭ ହୋଇଥିବା ଅଧିବେଶନ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ । ତେବେ ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନିଜ ମନ୍ତ୍ରୀ ଓ ସାଂସଦଙ୍କୁ ନେଇ ବୈଠକ କରିବା ସହ ବିରୋଧୀ ମଧ୍ୟ ସରକାରଙ୍କୁ ଗୃହରେ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରି ବୈଠକ କରିଥିଲେ ।

## ଚୀନରେ ପୁଣି ମାଡି ଆସିଛି ପ୍ରଳୟଙ୍କାରୀ ବନ୍ୟା

ନୂଆଦିଲ୍ଲୀ, ୧୮/୦୭ : ଚୀନରେ ପ୍ରଳୟଙ୍କାରୀ ବନ୍ୟା । ବୈଷୟିକ ଜ୍ଞାନ କୌଶଳରେ ସବୁ ଆଗରେ ଥିବା ଚୀନର ଇଏ ହେଉଛି ବର୍ତ୍ତମାନର ସ୍ଥିତି । ହାଇପ୍ରୋଫାଇଲ ସହରଠୁ ନେଇ ସବୁଠି କେବଳ ବନ୍ୟା ପାଣି ହିଁ ପାଣି । ବିଭିନ୍ନ କଳାକୌଶଳରେ ନିର୍ମିତ ଘର ଗୁଡିକ ବି ବନ୍ୟା ପାଣିରୁ ବାଦ ପଡିନି । ସବୁଠି କେବଳ ବନ୍ୟାର କରାଳ ରୂପ ଦେଖିବାକୁ ମିଳୁଛି । ବିଶାଳ ଆପାଟମେଣ୍ଟଠୁ ନେଇ ବଜାଘାଟ । କିଛି ବାଦ ପଡିନି ଏହି ପ୍ରଳୟଙ୍କାରୀ ବନ୍ୟାରୁ । ବିଶେଷ କରି ଉତ୍ତର ଓ ଦକ୍ଷିଣ ଚୀନରେ ଭୟଙ୍କର ବନ୍ୟା ଯୋଗୁଁ ଏବେ ସୁଦ୍ଧା ୨୦୫ରଙ୍କ ମୃତ୍ୟୁ ହେବା ସହ ଶହ ଶହ ଲୋକ ବାସହରା ହୋଇଛନ୍ତି । ସବୁଠୁ ଅଧିକ ପ୍ରଭାବିତ ହେଉଛି ସିଚୁଆନ ଓ ଲୋନଗନ, ଘଂସୁ ସହର, ବନ୍ୟା ଭିତରୁ ଲୋକଙ୍କୁ ଉଦ୍ଧାର କରାଯାଉଛି । ସେପଟେ ଲଗାଣବର୍ଷା ଚାଲିଥିବା ଯୋଗୁଁ ଆଗକୁ ସ୍ଥିତି ଅଧିକ ଖରାପ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

# ଆଜିଠୁ ମହଙ୍ଗା ହେଲା ପ୍ୟାକେଟ ହୋଇଥିବା ମୁଢ଼ି, ଚୁଡା, ଗୁଡ: ଲାଗିଲା ୫ପ୍ରତିଶତ ଜିଏସଟି



ନୂଆଦିଲ୍ଲୀ, ୧୮/୦୭ : ଆଜିଠାରୁ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ମୁଢ଼ି ଉପରେ ୫ ପ୍ରତିଶତ ଜିଏସଟି ଦେବାକୁ ପଡିବ । ଅବଶ୍ୟ ଖୋଲାରେ କିମ୍ବା ଗ୍ରାହକଙ୍କ ଆଗରେ ଦୋକାନୀ ପ୍ୟାକିଂ କରି ବିକିଲେ ଲାଗୁ ହେବନାହିଁ ଜିଏସଟି । କିନ୍ତୁ ଏବେ ମୁଢ଼ି ସମେତ ପ୍ୟାକେଟ୍ରେ ଅନ୍ୟ କୃଷି ଓ ଦୁଗ୍ଧଜାତ ଜିନିଷ ବିକିଲେ ମଧ୍ୟ ୫ ପ୍ରତିଶତ ଜିଏସଟି ବା ସାମଗ୍ରୀ ଓ ସେବା କର ଦେବାକୁ ହେବ । ଖୋଲାରେ ମୁଢ଼ିକୁ ରଖିଲେ ନଷ୍ଟ ହେବା ଆଶଙ୍କା ଥିବାରୁ ଅଧିକାଂଶ ଦୋକାନରେ ଏହା ପ୍ୟାକେଟ ଆକାରରେ ରଖା ଯାଇଥାଏ । ତେଣୁ ଏହି ପ୍ୟାକେଟରେ ମୁଢ଼ି ବିକିଲେ ଏଣିକି ୫ ପ୍ରତିଶତ ଟିକସ ଦେବାକୁ ହେବ । ଓଡ଼ିଶାରେ ମୁଢ଼ି ପ୍ରମୁଖ ଖାଦ୍ୟ ଏବଂ ଅନେକ ଛୋଟ ବ୍ୟବସାୟୀ ଏହା ଉପରେ ନିର୍ଭର କରୁଥିବାରୁ ଜିଏସଟି ପ୍ରତ୍ୟାହାର ପାଇଁ ଦାବି ହୋଇଛି । ଆଉ ଏହି ପ୍ରସଙ୍ଗ ମଧ୍ୟ ଉଠିଛି ବିଧାନସଭାରେ । ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛି କଂଗ୍ରେସ । ମୁଢ଼ିରେ ଟିକସକୁ ଗରିବଙ୍କ ପେଟରେ ଲାତ ବୋଲି ବର୍ଣ୍ଣନା କରିଛି ଦଳ । ଏଥିରେ ରାଜ୍ୟ ସରକାରଙ୍କ ଭୂମିକା ନଥିବା କହି ଦୋଷ ଛଡ଼ାଇ ଦେଇଛନ୍ତି ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ । ଅନ୍ୟପଟେ ଜିଏସଟି କାଉନ୍ସିଲ୍ରେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର କାହିଁକି ମୁହଁ ଖୋଲିନଥିଲେ, ବୋଲି ପ୍ରଶ୍ନ କରିଛନ୍ତି ବିଜେପି ବିଧାୟକ ମୋହନ ମାଝି । ବିଧାନସଭାରେ ଏହି ପ୍ରସଙ୍ଗରେ ହଙ୍ଗାମା ହୋଇଥିବା ବେଳେ କେନ୍ଦ୍ରକୁ ଅର୍ଥମନ୍ତ୍ରୀ ଚିଠି ଲେଖନ୍ତୁ ବୋଲି ବାଚସ୍ପତି ରୁଲିଂ ଦେଇଛନ୍ତି । କେବଳ ମୁଢ଼ି ନୁହେଁ ଅନେକ ଖାଦ୍ୟ ସାମଗ୍ରୀ ଜିଏସଟି ପରିସରକୁ ଆସିଛି । କିଛି ସାମଗ୍ରୀ ଉପରେ ଜିଏସଟି ବୃଦ୍ଧି ପାଇଛି ।

# ୧୨ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮/୦୭ (ନି.ପ୍ର): ମୌସୁମୀ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ କମିପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଉପକୂଳ ଓଡିଶାର ଜିଲ୍ଲାଗୁଡିକର ଅନେକ ସ୍ଥାନରେ ବର୍ଷାସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି କହିଛି ପାଣିପାଗ କେନ୍ଦ୍ର । ପାଣିପାଗ କେନ୍ଦ୍ର ପକ୍ଷରୁ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନୟାଗଡ଼, ବୌଦ୍ଧ, କଟକ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ସବୁ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଆଜି ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ଆସନ୍ତାକାଲି ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଗୃହ ବିଭାଗ ପକ୍ଷରୁ କଡ଼ା ବନ୍ଦୋବସ୍ତ କରାଯାଇଛି । ଲୋକସେବା ଭବନ, ଖାରବେଳ ନଗର, ରାଜୀବ ଭବନ ଓ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସକାଳ ସାଢ଼େ ୯ଟା ସୁଦ୍ଧା ଅଫିସରେ ପହଂଚିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଆଜି ସମସ୍ତ ବିଭାଗର ସଚିବ ଓ ଅତିରିକ୍ତ ମୁଖ୍ୟ ସଚିବମାନଙ୍କୁ ଚିଠି ଲେଖି କହିଛନ୍ତି ଯେ,ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ଆସନ୍ତାକାଲି ନବନିର୍ମାଣ କୃଷକ ସଂଗଠନ ଓ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ୧୨ଘଂଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ଏହି ସମୟରେ ସେମାନେ ଗାଡ଼ିମୋଟର ଓ ଟ୍ରେନ ଚଳାଚଳ, ବ୍ୟବସାୟିକ ପ୍ରତିଷ୍ଠାନକୁ ବନ୍ଦ କରିବା ସହ ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍ ଓ ବ୍ୟାଙ୍କ ଆଦି ସମ୍ମୁଖରେ ପିକେଟିଂ କରିବାର ଆଶଙ୍କା ରହିଛି । ତେଣୁ ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ସମସ୍ତ କର୍ମଚାରୀ ସକାଳ ସାଢ଼େ ୯ଟା ସୁଦ୍ଧା ଅଫିସ୍ ପରିସରକୁ ପ୍ରବେଶ ପାଇଁ

▶▶ପୃଷ୍ଠା ୭

# ରାଷ୍ଟ୍ରପତି ନିର୍ବାଚନ : ବିଧାନସଭାରେ ଭୋଟ୍ ଦେଲେ ୧୪୫ ବିଧାୟକ




ଭୁବନେଶ୍ୱର,୧୮/୦୭ (ନି.ପ୍ର): ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଶେଷ ହୋଇଛି । ଓଡିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ମୋଟ ୧୪୫ ଜଣ ବିଧାୟକ ନିଜ ମତ ସାବ୍ୟସ୍ତ କରିଛନ୍ତି । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଦିଲ୍ଲୀରେ ଚିକିତ୍ସାଧୀନ ଥିବାରୁ ସେ ସଂସଦ ଭବନରେ ମତଦାନ କରିଛନ୍ତି । ସେହିପରି ବିଧାୟକ ପ୍ରଶାନ୍ତ ଜଗଦେବ ଭୋଟ୍ ଦେବାକୁ ଆସିନଥିବା ଜଣାପଡିଛି । ରାଷ୍ଟ୍ରପତି ନିର୍ବାଚନ ପାଇଁ ସୋମବାର ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟଗ୍ରହଣ ହୋଇଥିଲା । ଅପରାହ୍ନ ୧ଟା ସୁଦ୍ଧା ୧୪୧ଜଣ ବିଧାୟକ ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ୫ଟା ସୁଦ୍ଧା ଆଉ ୪ଜଣ ଭୋଟ୍ ଦେଇଥିଲେ । ବିଜେଡିର ୧୧୨ ଜଣ ବିଧାୟକ, ବିଜେପିର ୨୧ଜଣ ବିଧାୟକ, କଂଗ୍ରେସର ୯ଜଣ ବିଧାୟକ, ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିଜେଡିରୁ ବହିଷ୍କୃତ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ହୋଇଥିବା ଭୋଟଗ୍ରହଣ କେନ୍ଦ୍ରରେ ମତଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରକୋଷ୍ଠରେ ଭୋଟ୍ ଦେଇଥିବାବେଳେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସଂସଦ ଭବନରେ ଭୋଟ୍ ଦେଇଛନ୍ତି । ଓଡ଼ିଶାରେ କଂଗ୍ରେସ ବିଧାୟକଙ୍କ ଭୋଟ୍ ୟୁପିଏ ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କୁ ଯାଇଥିବାବେଳେ କେବଳ କଟକ ବାରବାଟୀର କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କ ଭୋଟ୍ ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଛି ।

# ହାଇକମାଣ୍ଡଙ୍କୁ ଅବଗତ କରାଯିବ : ଶରତ ପଟ୍ଟନାୟକ

ଭୁବନେଶ୍ୱର,୧୮/୦୭ (ନି.ପ୍ର): କଂଗ୍ରେସ ଦଳର ବିଧାୟକ ମୋହମ୍ମଦ ମୋକିମ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ସମ୍ପର୍କରେ ସୂଚନା ମିଳିବା ପରେ ଏ ସମ୍ପର୍କରେ ହାଇକମାଣ୍ଡଙ୍କୁ ଅବଗତ କରା ଯିବ ବୋଲି ନିଜର ପ୍ରତିକ୍ରିୟାରେ କହିଛନ୍ତି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ । ଏ ସମ୍ପର୍କରେ ସାମ୍ବାଦିକ ମାନଙ୍କୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏହି ଭୋଟରେ ଦଳୀୟ ହ୍ୱିପ ଲାଗୁ ହୋଇ ନ ଥାଏ । ହେଲେ କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃତ୍ୱ ଯଶବନ୍ତ ସିହ୍ନାଙ୍କୁ ଭୋଟ ଦେବାକୁ ନିଷ୍ପତି ନେଇଥିଲା । ଏ ସମ୍ପର୍କରେ ଆଲୋଚନା ହେବା ପରେ କଂଗ୍ରେସ ବିଧାୟକ ମାନଙ୍କୁ ଅବଗତ କରା ଯାଇଥିଲା । ସମସ୍ତେ କେନ୍ଦ୍ରୀୟ ନେତୃତ୍ୱର ନିଷ୍ପତି ସହ ଅବଗତ ଥିଲେ । ହେଲେ ଜଣେ ବିଧାୟକ ନିଜେ ଗଣମାଧ୍ୟମରେ ସେ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେବା କଥା କହିଛନ୍ତି । ତେଣୁ ଏ ସମ୍ପର୍କରେ ଦଳର ହାଇକମାଣ୍ଡଙ୍କୁ ଅବଗତ କରା ଯିବ । ଏହା ପରେ କୌଣସି ନିଷ୍ପତି କେନ୍ଦ୍ରୀୟ ହାଇକମାଣ୍ଡ ନେବେ ।

# ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଲେ କଂଗ୍ରେସ ବିଧାୟକ ମୋକିମ : କଂଗ୍ରେସରେ କମ୍ପନ



ଭୁବନେଶ୍ୱର,୧୮/୦୭ (ନି.ପ୍ର): କଟକ ବାରବାଟୀର କଂଗ୍ରେସ ବିଧାୟକ ମୋହମ୍ମଦ ମୋକିମ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି । ବିଧାନସଭାରେ ଭୋଟ ଦେବା ପରେ ସେ ନିଜେ ସାମ୍ବାଦିକ ମାନଙ୍କୁ ଏହି ସୂଚନା ଦେଇଛନ୍ତି । ଅନ୍ୟପଟେ ମୋକିମଙ୍କ କ୍ରସ୍ ଭୋଟିଂ କୁ ନେଇ ରାଜ୍ୟ କଂଗ୍ରେସରେ କମ୍ପନ ଦେଖାଦେଇଛି । କଂଗ୍ରେସ ଏହି ନିର୍ବାଚନରେ ଯଶବନ୍ତ ସିହ୍ନାଙ୍କୁ ଭୋଟ୍ ଦେବାକୁ ଘୋଷଣା କରିଥିଲା । ଭୋଟ୍ ଦେବା ପରେ ସେ କହିଛନ୍ତି ଯେ ସେ ଏହି ମାଟିର ଝିଅଙ୍କ ସମର୍ଥନରେ ଭୋଟ ଦେଇଛନ୍ତି । ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ହ୍ୱିପ ନ ଥାଏ । ତେଣୁ ସେ ନିଜର ବିବେକ ଅନୁସାରେ ଓଡିଆ ଝିଅଙ୍କୁ ଭୋଟ ଦେଇଥିବା ସେ ପ୍ରକାଶ କରିଛନ୍ତି । ଓଡିଶାର ଜଣେ ମହିଳା ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇଥିବାରୁ ତାଙ୍କର ବିବେକକୁ ପଚାରି ସେ ଏହି ନିଷ୍ପତି ନେଇଛନ୍ତି । ଅନ୍ୟପକ୍ଷରେ ମହମ୍ମଦ ମୋକିମଙ୍କ ଏଭଳି ଅପ୍ରତ୍ୟାଶିତ ପଦକ୍ଷପରେ ପିସିସି ସଭାପତି ଓ ଅନ୍ୟ ବିଧାୟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃତ୍ୱ ଯଶବନ୍ତ ସିହ୍ନାଙ୍କୁ ଭୋଟ ଦେବାକୁ ନିଷ୍ପତି ନେଇଥିଲା । ଏ ସମ୍ପର୍କରେ ଆଲୋଚନା ହେବା ପରେ କଂଗ୍ରେସ ବିଧାୟକ ମାନଙ୍କୁ ଅବଗତ କରା ଯାଇଥିଲା । ସମସ୍ତେ କେନ୍ଦ୍ରୀୟ ନେତୃତ୍ୱର ନିଷ୍ପତି ସହ ଅବଗତ ଥିଲେ । ହେଲେ ଜଣେ ବିଧାୟକ ନିଜେ ଗଣମାଧ୍ୟମରେ ସେ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେବା କଥା କହିଛନ୍ତି । ତେଣୁ ଏ ସମ୍ପର୍କରେ ଦଳର ହାଇକମାଣ୍ଡଙ୍କୁ ଅବଗତ କରାଯିବ । ଏହା ପରେ କୌଣସି ନିଷ୍ପତି କେନ୍ଦ୍ରୀୟ ହାଇକମାଣ୍ଡ ନେବେ । କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଦଳ ଯାହା ବିଚାର କରିବ, ସେହି ଅନୁସାରେ ନିଷ୍ପତି ନିଆଯିବ । ସେହିପରି ଦଳୀୟ ବିଧାୟକ ସନ୍ତୋଷ ସିଂହ

▶▶ପୃଷ୍ଠା ୭

# ପୂଜାର୍ଚ୍ଚନା ପରେ ଖୋଲିଲା ହୀରାକୁଦ ଗେଟ୍



ଭୁବନେଶ୍ୱର,୧୮/୦୭ (ନି.ପ୍ର): ଆଜି ହୀରାକୁଦରୁ ଛଡ଼ାଗଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ । ପୂର୍ବାହ୍ନ ୧୧ଟା ବେଳେ ହୀରାକୁଦର ୭ନଂ ଗେଟ୍ ଦେଇ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯାଇଛି । ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ପରେ ପ୍ରଥମେ ୭ ନମ୍ବର ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଆଜି ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯାଇଛି । ଜଳଭଣ୍ଡାରର ଗୋଟିଏ ପଟେ ୩ଟି ଗେଟ୍ ଓ ଆର ପଟେ ୨ଟି ଗେଟ୍ ଖୋଲାଯାଇ ପାଣି ଛଡ଼ାଯାଉଛି । ହୀରାକୁଦ ବନ୍ୟାଜଳ ଆସନ୍ତାକାଲି କଟକର ମୁଣ୍ଡଳିରେ ପହଞ୍ଚିବ । ହୀରାକୁଦ ଡ୍ୟାମ୍‌ର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବା ଯୋଗୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଆଜି ପୂର୍ବାହ୍ନ ୧୧ଟାରେ ହୀରାକୁଦ ଜଳଭଣ୍ଡାରରେ ୬୧୩.୧୫ ଫୁଟ ଜଳ ଥିବା ବେଳେ ସର୍ବୋଚ୍ଚ ଜଳଧାରଣ କ୍ଷମତା ରହିଛି ୬୩୦ ଫୁଟ । ଡ୍ୟାମରେ ସେକେଣ୍ଡକୁ ପାଖାପାଖି ୧ ଲକ୍ଷ ୨୦ ହଜାର ୧୫୫ ଘନଫୁଟ ଜଳ ପ୍ରବେଶ କରୁଛି । ୪୫ ହଜାର ୯୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି । ଉପରମୁଣ୍ଡରେ ଲଗାଣ ବର୍ଷା ହେତୁ ଡ୍ୟାମରେ ଜଳପତ୍ତନ କ୍ରମାଗତ ବଢ଼ି ଚାଲିଛି । ତେଣୁ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜି ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି । ଗୋଟିଏ ସ୍ଲୁଇସ୍ ଗେଟ୍ ଦେଇ ସେକେଣ୍ଡକୁ ପାଖାପାଖି ୧୫ ହଜାର କ୍ୟୁସେକ ଜଳ ନିଷ୍କାସିତ ହେବ ବୋଲି ଜଣାଯାଇଛି । ଗେଟ୍ ଖୋଲାଯିବା ପୂର୍ବରୁ ତଳ ମୁଣ୍ଡରେ ଥିବା ଜିଲ୍ଲାଗୁଡ଼ିକୁ ସତର୍କ କରାଯାଇଛି । ଗାଇଡଲାଇନ୍ ଅନୁଯାୟୀ, ଡ୍ୟାମ କର୍ତ୍ତୃପକ୍ଷ ଜୁଲାଇ ଶେଷ ସୁଦ୍ଧା ଜଳପତ୍ତନକୁ ୬୦୫ ଫୁଟରେ ରଖିବେ । ବନ୍ୟା ନିୟନ୍ତ୍ରଣ ପାଇଁ ୨୫ ଫୁଟର ବ୍ୟବଧାନ ରଖାଯିବ । ତେଣୁ ଏବେ ଜଳପତ୍ତନ ୬୧୩ ଫୁଟ ଅତିକ୍ରମ

▶▶ପୃଷ୍ଠା ୭

# ୧୫ ଦିନ ହେଲା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଲିଙ୍କ୍ ଫେଲ୍, ହନ୍ତସନ୍ତ ହେଉଛନ୍ତି ଗ୍ରାହକ

ଗଞ୍ଜାମ,୧୮/୦୭ (ନି.ପ୍ର): ଦୀର୍ଘ ୧୦ ଦିନ ଧରି ବ୍ୟାଙ୍କ ଶାଖାରେ ଲିଙ୍କ ରହୁନଥିବାରୁ ହନ୍ତସନ୍ତ ହେଉଛନ୍ତି ଗ୍ରାହକ। ଗଞ୍ଜାମ ଜିଲ୍ଲା ସୁମଣ୍ଡଳ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଦେଖାଦେଇଛି ଏଭଳି ଅବ୍ୟବସ୍ଥା। ଏହି ଶାଖାକୁ ଆଖପାଖ ଅଂଚଳରୁ ଶହଶହ ସଂଖ୍ୟାରେ ଗ୍ରାହକ ଦୈନିକ ଆସୁଥିବା ବେଳେ ଟଙ୍କା ଉଠାଣ, ଡିପୋଜିଟ ଏପରିକି ପାସ୍ ବୁକ୍ ପ୍ରିଂଟ ମଧ ହୋଇ ପାରୁନି। ଆଖପାଖ ଅଂଚଳର ବହୁ ସଂଖ୍ୟାରେ ଗ୍ରାହକ ଅଟୋ ଯୋଗେ ଆସି ବାରମ୍ବାର ଖର୍ଚ୍ଚାନ୍ତ ମଧ ହେଉଛନ୍ତି। ସେପଟେ ଚାଷ କାର୍ଯ୍ୟ ଜୋରସୋର୍ ରେ ଚାଲିଥିବା ବେଳେ ଚାଷୀମାନେ ମଧ ଟଙ୍କା ଉଠାଇ ନପାରି ହଇରାଣ ହରକତ ହେଉଥିବା ଅଭିଯୋଗ କରିଛନ୍ତି।

ଦୀର୍ଘ ୧୫ ଦିନ ଧରି ଏହି ବ୍ୟାଙ୍କରେ ଲିଙ୍କ ଫେଲ୍ ହୋଇଯାଇଥିବା ବେଳେ ବ୍ୟାଙ୍କର କୌଣସି କାର୍ଯ୍ୟ କରିବା ସମ୍ଭବପର ହୋଇପାରୁନି ବୋଲି କହିଛନ୍ତି ବ୍ୟାଙ୍କ ଶାଖା ପରିଚାଳକ। ସେପଟେ ଏନେଇ ବାରମ୍ବାର ବିଏସଏନଏଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସମାଧାନ ହେଉ ନଥିବା ସେ ପ୍ରକାଶ କରିଛନ୍ତି। ବ୍ୟାଙ୍କ ଶାଖାରେ ବିଏସଏନଏଲ ଇଂଟରନେଟ ଲାଗିଥିବା ବେଳେ ବିଭିନ୍ନ ସମୟରେ ଲିଙ୍କ ଫେଲ୍ ହୋଇଯିବାରୁ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କର୍ମଚାରୀ ଓ ଗ୍ରାହକ। ବିଏସଏନଏଲର ମନମୁଖୀ କାର୍ଯ୍ୟ ଯୋଗୁଁ ଅସୁବିଧା ଭୋଗୁଛନ୍ତି ଗ୍ରାହକ। ବ୍ୟାଙ୍କ ସେବା ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ହୋଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା କହିଛନ୍ତି ଗ୍ରାହକ। ତେବେ ତୁରନ୍ତ ଉକ୍ତ କର୍ତ୍ତୃପକ୍ଷ ଏନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଗ୍ରାହକ।

## ଛାତ୍ରାବାସରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ମାଲକାନଗିରି,୧୮/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ପରିସରରେ ବାବୁ ଜଗଜୀବନରାମ ଛାତ୍ରାବାସରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ର ଶେଷ ବର୍ଷ ପିଲାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ଅଗ୍ନିଶିଖା ଛାତ୍ରୀ ନିବାସ ମୁଖ୍ୟ ପ୍ରେମରେଖା ଭତ୍ରା ଏବଂ ଅନ୍ୟାନ୍ୟ ଅଧାପକ ଅଧାପିକା ସହ ବହୁ ସହକର୍ମୀମାନେ ମଧ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭାର ପରିଚାଳନା ଦାୟିତ୍ୱରେ ଥିଲେ ଛାତ୍ରାବାସର ମୁଖ୍ୟ ଗୌତମ କୁମାର ନାୟକ, ଏହି ସଭାରେ ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ଛାତ୍ରମାନେ ଉପସ୍ଥିତ ଥିଲେ । ୨୫ ଜଣ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦେଇ ଭବିଷ୍ୟତ ଜୀବନରେ ସେମାନେ କିପରି ଭଲ ପାଠ ପଢ଼ି ପାରିବେ ଓ ଭଲ ମଣିଷଟିଏ ହୋଇପାରିବେ ସେହି ବାବଦରେ ଉପଦେଶ ଦେଇଥିଲେ । ସଭାରେ ଯୁକ୍ତ ତିନିର ଛାତ୍ର ଶୁଭ ବିଶ୍ୱାସ ନିଜର ଅନୁଭୂତି ବାଣ୍ଟିବା ସହିତ ଛୋଟ ଭାଇମାନଙ୍କୁ ସେମାନଙ୍କ ଉତୋର ତର କାମନା କରିଥିଲେ।

# ଏସଟିଇଏମ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

ମାଲକାନଗିରି,୧୮/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରେ ଏସଟିଇଏମ ପ୍ରକଳ୍ପର ଶୁଭ ଉଦଘାଟନ କରାଯାଇଛି । ଖଇରପୁଟ ଏବଂ ମାଥିଲି ବ୍ଲକର ୫ଟି ବିଦ୍ୟାଳୟରେ ଆଜି ଏହି ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ର। ପାଠ ପଢ଼ିବା ଅପେକ୍ଷା ଶିଶୁମାନେ ପାଠ ଶିଖିବା ଦରକାର ବୋଲି ମୁଖ୍ୟ ଅତିଥି ଶ୍ରୀ ମିଶ୍ର କହିଥିଲେ । ଆନ୍ତର୍ଜାତିକ ସଂଗଠନ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ତରଫରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ସାଇନ୍ସ, ଟେକ୍ନୋଲୋଜି , ଇଂଜିନିୟରିଂ ଏବଂ ଗଣିତର ପ୍ରାକ୍ଟିକାଲ ଜ୍ଞାନ ଆହରୋଣ ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ଏହି ପ୍ରୟାସ । ଏହି ପ୍ରକଳ୍ପ ଦ୍ୱାରା ଛାତ୍ରଛାତ୍ରୀମାନେ ପାଠ୍ୟ ପୁସ୍ତକରେ ଯାହା ପଢୁଥିଲେ ତାକୁ ସେମାନେ ପ୍ରାକ୍ଟିକାଲ କରିପାରିବେ ବିଜ୍ଞାନ, ଗଣିତ ଓ ଇଂଜିନିୟରିଂର ୮୯ଟି ମଡେଲ ସହିତ ଏକ ପାଠାଗାର ଓ ସ୍ମାର୍ଟ କ୍ଲାସ୍ ଉପକରଣ ମଧ ବିଦ୍ୟାଳୟ ମାନଙ୍କୁ ପ୍ରଦାନ କରାଯାଇଛି । ମାଥିଲି ବ୍ଲକର ନାୟକଗୁଡ଼ା, ଚାଉଳମେନ୍ଦି, ଆମ୍ବାଗୁଡ଼ା ଏବଂ ଖଇରପୁଟ ବ୍ଲକର ପୁରୁଣାଗୁମ୍ମା ଓ କୁଡୁମୁଲୁଗୁମ୍ମା ବିଦ୍ୟାଳୟରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସିଆରସିସି ଉମେଶ ଚନ୍ଦ୍ର ଦାସ , ଓ୍ୱାର୍ଡମେମ୍ବର ଫୁଲମତି ଭୁମିଆ, ବିଦ୍ୟାଳୟ ସଭାପତି ଦମୟନ୍ତୀ ବାକା, ତେଜସ୍ୱୀ ବିଶେନ, ଚାଇଲ୍ଡ ଫଣ୍ଡର କ୍ଷେତ୍ର ଅଧିକାରୀ ରାଜେଶ ପଟ୍ଟନାୟକ, କ୍ଷେତ୍ର ସଂଯୋଜକ ଅଶୋକ ମହାରଣା, ସୁକେଶ ମିର୍ଧା, ଚନ୍ଦ୍ରଶେଖର ନାୟକ, ଯୋଗିତା ପୂଜାରୀ, ସୁମିତ୍ରା କୋପେ, ଲଳିତା, ପଦ୍ମା, ମହେଶ୍ୱର, କମରଲାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସିନାପାଲି ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ନୂଆପଡ଼ା,୧୮/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ପ୍ରସନ୍ନ କୁମାର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବୈଷ୍ଣବ ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା କରିଥିଲେ। ବୈଠକରେ ଶିକ୍ଷକଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ଗ୍ରେଡ଼େସନ୍ ଓ ସଂଘ ପୁନର୍ଗଠନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଦାୟିତ୍ୱରେ ଥିବା ନୂଆପଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା, ସଂପାଦକ ଧନୁ ବାଗଙ୍କ ସହ ପଂଚାନନ ଖମାରୀ, ଭରତ ଚଂଦ୍ର ବାଗ, ହୃଦାନନ୍ଦ ମେହେର, ଅରୁଣ କୁମାର ଯୋଷୀ, ଈଶ୍ୱର ବଘେଲ, ରାକେଶ ମିଶ୍ର ପ୍ରମୁଖ ମତ ପ୍ରକାଶ କରିଥିଲେ। ବୈଠକରେ ଆଗାମୀ ଜୁଲାଇ ୩୧ରେ ସିନାପାଲି ବ୍ଲକ ସଂଘର ପୁନର୍ଗଠନ ନେଇ ନିଷ୍ପତି ନିଆଯାଇଛି । ଖଡ଼ିଆଳ ବ୍ଲକରୁ ଯୋଗ ଦେଇଥିବା କୁନା ଭୋଇ, ଅରୁଣ ନାଗ, ଗୋକୁଳ ନାଗ, ରୂପା ବାଗଙ୍କ ସହ ସିନାପାଲି ସଂଘର ପ୍ରାଣକୃଷ୍ଣ ଯୋଷୀ, ଟିକେମଣି ଜଗତ, ଶେଖର ବାଗ, ଦେବାନନ୍ଦ ବାଗ, ସଚିଦାନନ୍ଦ ମେହେର, ପ୍ରମୋଦ କୁମାର ସାହୁ, ଭୀମସେନ ମେହେର, ଜନ୍ମେଜୟ ଭୋଇ, ଧନେଶ୍ୱର ବଞ୍ଜାରା, ପ୍ରଦୀପ କୁମାର ନାୟକ, ପ୍ରେମାନନ୍ଦ ମେହେର, କିଶୋର କୁମାର ସାହୁ, ଅତୁଳ କୁମାର ପାତ୍ର, ଲୋମଶ ସା, ସେବକରାମ ପାତ୍ର, ସାନୁର୍ଯ୍ୟ ମେହେର, ଚକ୍ରଧର ଧାକଡ଼, ଆୟୁବ ଖାଁ, ବଂଶୀଧର ଜଗତ, ତୁଳସୀରାମ ରାଉତ, ପରେଶନାଥ ପାଣିଗ୍ରାହୀ, ନୀକୁଞ୍ଜବିହାରୀ ସା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ବ୍ଲକ କୋଷାଧକ୍ଷ ଖଗେଶ୍ୱର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଓ୍ୱା ଅନୁଷ୍ଠାନ ଦ୍ୱାରା ବନମହୋତ୍ସବ ପାଳିତ

ଜୟପୁର,୧୮/୦୭ (ନି.ପ୍ର): ଆଜି ହରଦପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ରେ ସୀଓ୍ୱା ର ସଭ୍ୟ ମାନେ ନାଗେଶ୍ୱରୀ, କରଞ୍ଜ,ନିମ, ପଣସ, ଅଁଳା,ବାହାଡ଼ା, ଗମ୍ଭାରୀ, ପିଜୁଳି ଆଦି ୧୦୦ ଟି ବୃକ୍ଷ ରୋପଣ କରିଛନ୍ତି। ଅନୁଷ୍ଠାନ ର ସଂପାଦକ ପ୍ରତାପ ପଟ୍ଟନାୟକ, ଓ ଅନ୍ୟ ସଭ୍ୟ ପ୍ରଦୀପ୍ତ ସାହୁ, ମୁରଲୀ ପଟ୍ଟନାୟକ, ନଳିନୀ, ଅଶୋକ ଚୌଧୁରୀ, ସୌମ୍ୟ ରଞ୍ଜନ ଦଳାଇ, ରବୀନ୍ଦ୍ର ନାଥ ସାହୁ, ମୁକେଶ ଆଦି ଯୋଗଦେଇ ଥିଲେ।

# ଭାରତ ସରକାରଙ୍କର ଅଗ୍ନିବୀର ଯୋଜନାରେ ସାମିଲ ହେବାକୁ ଯୁବକ ମାନଙ୍କୁ ଆହ୍ୱାନ

ବଲାଙ୍ଗିର ,୧୮/୦୭ (ନି.ପ୍ର): ଭାରତ ସରକାରଙ୍କ ଅଗ୍ନିପଥ ଯୋଜନାରେ ଅଗ୍ନିବୀର ଭାବେ ଯୁବକ ଯୁବତୀ ସାମିଲ୍ ହେବାକୁ ଆହ୍ୱାନ କରିଛି ବଲାଙ୍ଗିର ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ । ଆଜି ବଲାଙ୍ଗିର ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ଲାଲଟିକ୍ରା ସ୍ଥିତ କାର୍ଯ୍ୟାଳୟରେ ଭାରତ ସରକାରଙ୍କ ଯୋଜନା ଅଗ୍ନିପଥ ଏବଂ ଅଗ୍ନିବୀର ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସଂଘର ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ସାମ୍ବାଦିକ ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସଂଘର ସମସ୍ତ ସଦସ୍ୟଙ୍କୁ ମଧ ସ୍ୱାଗତ କରିଥିଲେ । ସଂଘର ସମ୍ପାଦକ ଶ୍ରୀ ରଥ ଅଗ୍ନିପଥ ଯୋଜନା ଆଜିର ଯୁବପିଢ଼ୀଙ୍କ ପାଇଁ ଏବଂ ସୁବର୍ଣ୍ଣ ସୁଯୋଗ, ଏଣୁ ଯୁବପିଢ଼ୀ ଏହି ସୁଯୋଗକୁ ହାତ ଛଡ଼ା ନକରି ଭାରତ ମା'ର ସେବା ପାଇଁ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ରଥ ସଂଘର ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ତଥା ନିର୍ବାଚିତ ପ୍ରତିନିଧି ସହଯୋଗ କଲେ ଆଗାମୀ ଦିନରେ ସଂଘ ବଲାଙ୍ଗିରର ଉନ୍ନତି ଓ ପ୍ରଗତିରେ ସାମିଲ ହୋଇ ଯୁବପିଢ଼ୀଙ୍କ ପାଇଁ ଏକ ଉତ୍ସାହପ୍ରଦ ବାର୍ତାବହ ହେବ ବୋଲି କହିଥିଲେ । ସଂଘ କାର୍ଯ୍ୟାଳୟ ପରିସରରେ ଯଦି ରହିବା ଉପଯୋଗୀ ଗୃହ ନିର୍ମାଣ କରାଯାଏ ତେବେ ଗ୍ରାମାଂଚଳରୁ ଆସୁଥିବା ଶତାଧିକ ପୂର୍ବତନ ସୈନିକ ଏବଂ ସହିଦ ପରିବାର ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ପାଇ ପାରିବେ, ଏହାଫଳରେ ସୈନିକ ଜୀବନ ଧନ୍ୟ ହେବ ବୋଲି ଶ୍ରୀ ରଥ କହିଥିଲେ । ସଂଘର ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ ଏବଂ ସଦସ୍ୟ ବିଜନ କୁମାର ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଗ୍ରାମାଂଚଳ ଏବଂ ସହରାଂଚଳରେ ଅନେକ ଶିକ୍ଷିତ ଯୁବକ ଯୁବତୀ ଅଛନ୍ତି, ଯେଉଁମାନେ ଚାକିରି ପାଇଁ ଆଜି ପର୍ଯ୍ୟନ୍ତ ତାଙ୍କ ସଂଗ୍ରାମ ଜାରି ରଖିଛନ୍ତି । ଭାରତ ସରକାରଙ୍କ ଏହି ଯୋଜନାରେ ସାମିଲ ହୋଇ ଭାରତୀୟ ଜଳ, ସ୍ଥଳ ଓ ଆକାଶ ସେନାରେ ନିଜକୁ ସାମିଲ କରି ଦେଶ ମାତୃକାର ସେବାରେ ନିଜକୁ ବ୍ରତୀ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘର କୋଷାଧକ୍ଷ ଘାସିରାମ ବେହେରା, ସଦସ୍ୟ ବିବେକ ଭୋଇ, ମହେନ୍ଦ୍ର ପଣ୍ଡା, ପ୍ରମୋଦ ବାବୁ, କୃଷ୍ଣଚନ୍ଦ୍ର ପଟେଲ, ଶମ୍ଭୁ ପ୍ରସାଦ ବିଶ୍ୱାଳ, ସୁଶିଲ ପଟେଲ, ମନୋଜ ପ୍ରଧାନ, ରାଜେନ୍ଦ୍ର ଶବର, ବିଶ୍ୱଭୂଷଣ ଭୋଇ, କେଦାର ନାଥ ନାମଦେବ, ନୀଳମଣି ହାତୀ, ଜିତେନ୍ଦ୍ର ସାହୁ, ଗୋପାଳ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଏମଇସିଏଲ ପକ୍ଷରୁ ଗ୍ରାମାଂଚଳରେ ଭ୍ରାମ୍ୟମାଣ ଚିକିତ୍ସା ଶିବିର

ରାଉରକେଲା,୧୮/୦୭ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା କୋଇଡା ଅଂଚଳରେ ଖଣି କାମରେ ନିୟୋଜି ଭାରତସରକାରଙ୍କ ଖଣି କଂପାନୀ ଏମ ଇ ସି ଏଲ ଦ୍ୱାରା ଆଜି ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ତମାନ ଆଜାଦୀ କି ଅମୃତ ମହୋତ୍ସବ ପାଳନ କରାଜିବା ଅବସରରେ ଜୁଲାଇ ୧୧ତାରିଖରୁ ୧୭ତାରିଖ ଯାଏ ଆଇକୋନିକ ସପ୍ତାହ ପାଳନ କରାଯାଉଥିବା ଅବସରରେ ଏହି ଶିବିରର ଆୟୋଜନ କରାଯାଇଥିବା କୁହାଯାଇଛି । କୋଇଡାରେ କାମକରୁଥିବା ମିନରାଲ ଏକ୍ସପ୍ଲୋରେସନ ଆଣ୍ଡ କନସଲଟାନ୍ସି ଲିମିଟେଡ (ଏମଇସିଏଲ) ପକ୍ଷରୁ ବଲାଙ୍ଗୀର ଓ ସୁନ୍ଦରଗଡ ଜିଲ୍ଲାରେ ଏହି ଭଳି ଶିବୀର ମାନ କରାଯାଉଛି । ଆଜି କୋଇଡାର କଦଳିଆ ବିଦ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହୋଇଛି । ପାଟମୁଣ୍ଡା କୋଇଡା ଅଂଚଳରେ ହୋଇଥିବା ଏହି କ୍ୟାଂପକୁ କଂପାନୀର ପ୍ରୋଜେକ୍ଟ ପରିଚାଳକ ରିସବ କୁମାର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ,ମାଲଂଗଟୋଲି ପ୍ରୋଜେକ୍ଟର ସୁରେଶ କୁମାର ଯାଡାର ସିଏମଓ ଓ ନିକଟସ୍ଥ ଗ୍ରାମ କ୍ରିୟାକୁଦର ର ବରିଷ୍ଠ ନାଗରୀକ ହ୍ରିଦ୍ୟା ବାରିକ (୮୫) ପ୍ରମୁଖ ଙ୍କ ଉସ୍ଥିତରେ ଏହି ଶିବିର ଆରମ୍ଭ ହୋଇଥିଲା । ବରିଷ୍ଠ ନାଗରୀକ ଶ୍ରୀ ବାରିକ ପ୍ରଥମ ରୋଗୀ ଭାବେ ଚିକିତ୍ସା ହୋଇଥିଲେ। ଜ୍ୱର , ଥଣ୍ଡା . କାଶ ଆଦି ନାନା ରୋଗରେ ପିଡିତ ୫୨୦ ଜଣ ବାସିନ୍ଦାଙ୍କୁ ଏହି ଶିବିରରେ ଚିକତ୍ସା କରାଯାଇଥିଲା। ଆଖ ପାଖର ଗ୍ରାମ କାଦଳିଆ,ପିଢାପୋଖରୀ, କିରିଆକୁଦର, ମିଥରଡା, ବାଟୁଡିହୀ, ଲାଲପାଣି, ତ୍ରିଆକୁଦମ ପ୍ରଭୃତି ୧୨ଟି ଗ୍ରାମରୁ ଲୋକେ ଆସି ନିଜକୁ ଡାକ୍ତରମାନଙ୍କ ପାଖରେ ଦେଖାଇ ମେଡିସିନ ନେଇଥିଲେ । ଏହି ଶିବିରରେ ଲୋକ ମାନଙ୍କୁ ମେଡିସିନ ସମେତ ପ୍ରାୟ ୧ଲକ୍ଷ ଟଙ୍କାର ମାସ୍କ, ସାନିଟାଇଜର, ସାନିଟାରୀ ପ୍ୟାଡ, ମ୍ୟାଲେରିଆ ଟାଫଡ ପରିକ୍ଷା କିଟ ବଂଟା ଯାଇଥିଲା । ଏହି କ୍ୟାଂପର ସଫଳ ପରିଚାଳନା ଲାଗି ଯୋଡାର ସେଂଟ୍ରାଲ ହସ୍ପିଟାଲ ଓ କୋଇଡା ଡାକ୍ତରଖାନା ପକ୍ଷରୁ ସହେଯାଗ କରାଯାଇଥିବା ପ୍ରକାଶ ।

## ଆମ ଗାଁ ସାହିତ୍ୟ ପରିଷଦର ଷଷ୍ଠ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୧୮/୦୭ (ନି.ପ୍ର): ଆମ ଗାଁ ସାହିତ୍ୟ ପରିଷଦର ଷଷ୍ଠ ବାର୍ଷିକ ଉତ୍ସବ ଗୋପ ଗ୍ରାମ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ସଂଜୟ କୁମାର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧାପକ ଡ଼ଃ ନୀଳମଣି ଲେଙ୍କା ଉଦ୍‌ଘାଟନ କରିଥିବା ବେଳେ ପୂର୍ବତଟ ରେଳପଥର ସୂଚନା ଅଧିକାରୀ କବୀ ନିରାକାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ମଣ୍ଡଳ ଅଧିକାରୀ ଓ ସାଧନ କେନ୍ଦ୍ର ସଂଯୋଜକ ନରହରି ସୁତାର ମୁଖ୍ୟ ବକ୍ତା, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡ଼ଃ ସର୍ବେଶ୍ୱର ସେଣ କାର୍ଯ୍ୟକ୍ରମ ରେ ବକ୍ତବ୍ୟ ରଖି ଗ୍ରାମାଂଚଳ ର ଲୁକାୟିତ ପ୍ରତିଭା ମାନଙ୍କୁ ସୁଯୋଗ ଦେଇ ସାମାଜିକ ହିତ ସାଧନ କରୁଥିବାରୁ ସଂଗଠନକୁ ପ୍ରଶଂସା କରିଥିଲେ । ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ ବାର୍ଷିକ ବିବରଣୀ ପାଠ, ସଂଜୟ କୁମାର ମଥାନ ବେଦ ପାଠ, ଶ୍ରେୟା ନାୟକ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କବି କବୟତ୍ରୀ କବିତା ପାଠ କରିଥିଲେ । ଟିଟିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଡୁମୁଲୁଗୁମ୍ମାରେ ନୂତନ ବସଷ୍ଟାଣ୍ଡ ପାଇଁ ଜାଗା ଚିହ୍ନଟ

ମାଲକାନଗିରି,୧୮/୦୭ (ନି.ପ୍ର): କୁଡୁମୁଲୁଗୁମ୍ମା ସଦର ମହକୁମାର ବିଏସଏଫ କ୍ୟାମ୍ପ ନିକଟରେ ଥିବା ୧.୫୦ ଏକର ପରିମିତ ଜାଗାରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଜମି ଚିହ୍ନଟ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ଆଜି ମାଲକାନଗିରି ଉପଜିଲ୍ଲାପାଳ ଅକ୍ଷୟ ଖେମୁଡୁ ନିଜେ ଉପସ୍ଥିତ ଥିଲାବେଳେ ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ତହସିଲଦାର ବିଜୟ କୁମାର ମାଣ୍ଡାଗୀ, ସରପଂଚ ମଙ୍ଗଳା ମାଢ଼ି, ରାଜସ୍ୱ ନିରୀକ୍ଷକ ରୁଦ୍ର ପ୍ରସାଦ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ କହିଛନ୍ତି ଯେ, ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି କୁଡୁମୁଲୁଗୁମ୍ମା ବସଷ୍ଟାଣ୍ଡ ପାଇଁ ଏହି ସ୍ଥାନ ନିରୂପଣ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଯାହା ଫଳରେ ସମସ୍ତ ଜନସାଧାରଣ ଏହାର ବ୍ୟାପକ ଲାଭ ଉଠାଇ ପାରିବେ । ପ୍ରକାଶ ଥାଉକି, ଆଜି ପର୍ଯ୍ୟନ୍ତ ଏହି ଅଂଚଳରେ ବସ୍ ରହଣି ପାଇଁ କୌଣସି ବସଷ୍ଟାଣ୍ଡ ନଥିବାରୁ ବସ୍ ଓ ଅଟୋ ଗୁଡ଼ିକ ମୁଖ୍ୟତଃ ବଜାର ରାସ୍ତା କଡ଼ରେ ପାର୍କିଂ ହୋଇଥାଏ।

# ଅଳଙ୍କାର ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଚୋରି

ଜୟପୁର ,୧୮/୦୭ (ନି.ପ୍ର): ବୋରିଗୁମ୍ମା ରେ ପୁଣି ସକ୍ରିୟ ହେଲେ ଚୋର। ଚୋର ଙ୍କ ନଜର ରେ ଏଥର ଅଳଙ୍କାର ଦୋକାନ। ବୋରିଗୁମ୍ମା ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେଥିବା ୪୮ ନମ୍ବର ରାଜ୍ୟ ରାଜପଥ କଡରେ ଥିବା ଦଣ୍ଡପାଣି ଜୁଏଲର୍ସ ଦୋକାନ କୁ କଳା କନା ବୁଲେଇ ଛୁ ମାରିଲେ ଚୋର। ଗତକାଲି ବିଳମ୍ବିତ ରାତ୍ରରେ ରେ ଏଭଳି କାଣ୍ଡ ଘଟାଇଛନ୍ତି ଚୋର। ଅଳଙ୍କାର ଦୋକାନ ର ଗ୍ରୀଲ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ନେଇଛନ୍ତି ଚୋର। ଆଜି ସକାଳୁ ସକାଳୁ ଦୋକାନ ମାଲିକ ଜାଣିବା ପରେ ଘଟଣା ସମ୍ପର୍କରେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କୁ ଆଧାର କରି ସାଇଂଟିଫିକ ଟିମ କୁ ଧରି ଘଟଣା ସ୍ଥଳ ରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ବୋରିଗୁମ୍ମା ଥାନା ଅଧିକାରୀ ଖିରେଶ୍ୱର ସାହୁ। ସେପଟେ ଦୋକାନରୁ ଦୁଇଟି ସୁନାହାର ,ଦୁଇହଳ କାନ ଫୁଲ ଲ ଯାହାର ଓଜନ ୫୮ ଗ୍ରାମ ,ରୁପା ପାଉଁଜି ୪ହଳ, ରୁପା ରାଖୀ୩୦ଟି ଯାହାର ଓଜନ ୧କିଲୋଗ୍ରାମ ହେବ। ନଗଦ ୧୨୦୦ଟଙ୍କା ଲୁଟିଇଥିବା ବେଳେ ସୁନା ଓ ରୂପ ୩ଲକ୍ଷ ରୁ ୪ଲକ୍ଷ ଟଙ୍କା ହେବ ବୋଲି କହିଛନ୍ତି ଅଳଂକାରୀ ଦୋକାନୀ। ଲୁଟ ବେଳର କିଛି ଦୃଶ୍ୟ ସିସି କେମେରା ରେ ଦୁଇ ଜଣ ବ୍ୟକ୍ତି ଚୋରି କରୁଥିବା କଏଦ ହୋଇଛି।ଯାହାକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ତାହାଅଧିକାରୀ ଖିରେଶ୍ୱର ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲା ଆଦିବାସୀ ବରିଷ୍ଠ ସଚେତନ ନାଗରିକ ମଂଚର ବୈଠକ

ବଲାଙ୍ଗିର,୧୮/୦୭ (ନି.ପ୍ର): ଆବାହକ ଦ୍ୱିଜ ଦଳପତି, ଯଥା ବିଶ୍ୱାଳ ଓ ରାହସ ବିହାରୀ ଭୋଇଙ୍କ ଆବାହକତ୍ୱରେ ଜିଲ୍ଲା ଆଦିବାସୀ ବରିଷ୍ଠ ସଚେତନ ନାଗରିକ ମଂଚ ବଲାଙ୍ଗିର ର ଏକ ଜରୁରୀ ବୈଠକ ଚିନ୍ତାମଣି ଭୋଇ ସଭାପତି କେନ୍ଦ୍ରୀୟ କନ୍ଧ ସମାଜ ଅଧକ୍ଷତାରେ ଇଚ୍ଛାପଡା ସ୍ଥିତ ଶବରୀ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଆଦିବାସୀମାନଙ୍କ ସଂସ୍କୃତି, ପରମ୍ପରା କିପରି ଏକତା ରକ୍ଷା କରାଯାଇପାରିବ ତାହା ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଆଦିବାସୀମାନଙ୍କର ସଂସ୍କୃତି, ପରମ୍ପରା ର ସୁରକ୍ଷା ସହିତ ଆଦିବାସୀଙ୍କ ସମ୍ବିଧାନିକ ଅଧିକାର ହାସଲ ଏକଜୁଟ ହୋଇ ସଂଘର୍ଷ କରିବାକୁ ନିଷ୍ପତି ଗ୍ରହଣ କରାଗଲା । ବ୍ଲକ ସ୍ତରୀୟ, ପଂଚାୟତ ସ୍ତରୀୟ ଓ ଗ୍ରାମ ସ୍ତରୀୟ କମିଟିମାନ ଗଠନ କରି ଆସନ୍ତା ୩୧.୦୭.୨୨ ଦିନ ବଲାଙ୍ଗିର ଠାରେ ପରବର୍ତି ବୈଠକ ବସିବାକୁ ସ୍ଥିର କରାଗଲା । ସମ୍ମାନିତ ଅତିଥି ରୂପେ ପ୍ରେମାନନ୍ଦ ଭୋଇ, ଆଦିବାସୀ ବିକାଶ ସମନ୍ୱୟ ସମିତିର ସଂପାଦକ ଦମୟନ୍ତି କୁମୁରା, ଆଦିବାସୀ ଅଧିକାର ମଂଚ ସଭାପତି ଦ୍ୱିଜ ଦଳପତି, ସୁଲିଆ ମଂଚ ଆବାହକ ମୟ ପ୍ରଧାନୀ, ବିଶ୍ୱାବସୁ ଶବର ସଂଘ ସଂପାଦକ ଯଥା ବିଶ୍ୱାଲ, ରାହାସ ବିହାରୀ ଭୋଇ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧରେ ବିଘ୍ନରାଜ ଧରୁଆ, ମକରଧ୍ୱଜ ଧରୁଆ, ଶିବ ଜାନି, ଧନେଶ୍ୱର ମାଝି, ଖୁସିରାମ ଜାନି, ହରିଶ୍ଚନ୍ଦ୍ର ଭୋଇ, ପ୍ରହଲ୍ଲାଦ ମାଝି, ଦୁର୍ଯ୍ୟନ ମାଝି, ଦଳ ମାଝି, ସେବକ ମଲ୍ଲିକ, ବାହନ କୁଅଁର, ଅରୁଣ କୁମାର ସିଂହଙ୍କ ସହିତ ଅନ୍ୟାନ୍ୟ ବ୍ଲକରୁ ଯୋଗଦାନ କରିଥିଲେ ।

# ଓଡିଶା ଅମଲା ସଂଘର ୭୯ବର୍ଷ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ

ଜୟପୁର ,୧୮/୦୭ (ନି.ପ୍ର): ଓଡିଶା ଅମଲା ସଂଘ ର ୭୯ ବର୍ଷ ପୂର୍ତି ଉପଲକ୍ଷେ କୋରାପୁଟ ଜିଲ୍ଲା ଅମଲା ସଂଘ ଦ୍ୱାରା ଶ୍ରୀ ଶଶି ଭୂଷଣ ଦାଶ୍ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଙ୍କ ଅଧକ୍ଷତାରେ ୭୯ ବର୍ଷ ପୂର୍ତି ଉତ୍ସବ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୨୦୨୨ ମସିହା ଠାରୁ ଅଦ୍ୟାବଧି ଅବସର ଗ୍ରହଣ କରିଥିବା ରାଜସ୍ୱ ବିଭାଗ, ବନ ବିଭାଗ ଓ ଶିକ୍ଷା ବିଭାଗର ବିଭାଗୀୟ ଅଧିକାରୀ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରବଳ ବର୍ଷା ସତ୍ୱେ ବର୍ଷା କୁ ଖାତିରି ନକରି ବିଭିନ୍ନ ବିଭାଗର ଶତାଧିକ ଅମଲା କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ରଞ୍ଜନ କୁମାର ପ୍ରଧାନ ଅଧାପକ ମହିଳା ମହାବିଦ୍ୟାଳୟ ଜୟପୁର, ମୁଖ୍ୟ ବକ୍ତା ଭାବେ ଶ୍ରୀ ଅରବିନ୍ଦ ମହାପାତ୍ର ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର, ତେଜେଶ୍ୱର ପଣ୍ଡା ବରିଷ୍ଠ ଅଧିବକ୍ତା ତଥା ସଭାପତି ବିଶ୍ୱହିନ୍ଦୁ ପରିଷଦ କୋରାପୁଟ ଜିଲ୍ଲା, ନବକୃଷ୍ଣ ରଥ ସାହିତ୍ୟିକ ତଥା ସମ୍ପାଦକ ବିଶ୍ୱହିନ୍ଦୁ ପରିଷଦ କୋରାପୁଟ, ରଜନି କାନ୍ତ ନାୟକ ସଭାପତି ମୋ ଜଗନ୍ନାଥ ସାଗର ଜୟପୁର ଓ ଶ୍ରୀ ନରେନ୍ଦ୍ର ନାଥ ତ୍ରିପାଠୀ ପୁର୍ବତନ ଉପ ସଭାପତି ଅମଲା ସଂଘ ଜୟପୁର ତଥା ପୁର୍ବତନ ବିଭାଗୀୟ ଅଧିକାରୀ ଶିକ୍ଷା ବିଭାଗ ଜୟପୁର ଉପସ୍ଥିତ ରହି ସେମାନଙ୍କ ଅଭିଭାଷଣ ପ୍ରଦାନ କରିଥିଲେ. ତତ୍ ସହିତ ବିଭାଗୀୟ ଅଧିକାରୀ ଶ୍ରୀ ଲକ୍ଷ୍ମୀ ଦାଶ୍, କମଳା କାନ୍ତ ରଥ, ମୁରଲି ପ୍ରସାଦ ମହାପାତ୍ର, ବିଜୟ କୁମାର ମହାପାତ୍ର ଓ କାହ୍ନୁଚରଣ ନାହକ ଅମଲା ସଂଘ ଉପରେ ନିଜ ନିଜ ର ମତବ୍ୟକ୍ତ କରିବା ସହିତ ଅମଲା ମାନଙ୍କୁ ସଦା ସର୍ବଦା ଏକତ୍ରିତ ହୋଇ ରହିବା ନିମନ୍ତେ ନିବେଦନ କରିଥିଲେ. ସମ୍ପାଦକ ଶ୍ରୀ ଶଶି ଭୂଷଣ ଦାଶ୍ ଙ୍କ ଅନୁରୋଧ କ୍ରମେ ଉକ୍ତ ଉତ୍ସବ ଟିକୁ ପ୍ରାରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ପରିଚାଳନା କରିଥିଲେ ଶ୍ରୀମତି ଭାଗ୍ୟଲତା ରଥ ଅଧାପିକା ସର୍ବ ଶେଷରେ ଶ୍ରୀ ଶଶି ଭୂଷଣ ଦାଶ ଶ୍ରୀମତି ରଥ ଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ସମସ୍ତ ଅତିଥି ଓ ଉପସ୍ଥିତ ଅମଲା ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ କର୍ମଚାରୀଙ୍କର ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୧୮/୦୭ (ନି.ପ୍ର): କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପରିସରରେ ବ୍ୟାଙ୍କ କର୍ମଚାରୀ ମାନଙ୍କର ଏକ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବ୍ୟାଙ୍କର ସମସ୍ତ ପରିଚାଳନ, କ୍ଷେତ୍ରାଧିକାରୀ ଏବଂ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବ୍ୟାଙ୍କର ନବ ନିର୍ବାଚିତ ସଭାପତି ଗୁରୁ ପ୍ରସାଦ ମହାନ୍ତି, ଡିସିବି ବ୍ୟାଙ୍କର ରିଟେଲର ବ୍ୟାକିଂ କର୍ଣ୍ଣ ହେଡ ନରେନ୍ଦ୍ର ମିଶ୍ର, ପୂର୍ବତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁଶିଲ କୁମାର ସାମଲ, ପ୍ରଫେସର ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ହୋଇ ସଂପ୍ରତିକ ପରିସ୍ଥିତିରେ ବ୍ୟାଙ୍କ ପରିଚାଳନା, ଋଣ ଆଦାୟ କୌଶଳ, ଏନପିଏ ର ସଠିକ୍ ସମାଧାନ, ଅର୍ବାନ ବ୍ୟାଙ୍କ ପ୍ରତି ସଂଶୋଧିତ ପିଆର ଆଇନର ପ୍ରଜୁଜ୍ୟତା ସମ୍ବନ୍ଧୀୟ ଆଲୋକପାତ କରିବା ସହ କର୍ମଚାରୀ ମାନଙ୍କ ମିଳିତ ସହଯୋଗ ଦ୍ୱାରା ଏନପିଏ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦେଇଥିଲେ । ଭାରାପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଶ୍ରୀ ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜୀବ ଲୋଚନ ପଣ୍ଡା ଜେନେରାଲ ମ୍ୟାନେଜର ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂଜ୍ୟ ପୂଜା ସଂସଦର ରୌପ୍ୟ ଜୟନ୍ତି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଜୟପୁର,୧୮/୦୭ (ନି.ପ୍ର): ଜୟପୁର ପୂଜ୍ୟ ପୂଜା ସଂସଦର ରୌପ୍ୟ ଜୟନ୍ତି ଉପଲକ୍ଷେ ଉପର କୋଲାବ ଯୋଜନା ଉଚ୍ଚ ବିଦ୍ୟାଳୟ ଜଳ ସେଚନ ବସତି ଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରିୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ତୃତିୟ, ଚତୁର୍ଥ ଓ ପଂଚମ ଶ୍ରେଣିର ଛାତ୍ର ଛାତ୍ରୀ ଦୃଷ୍ଟ ଲିଖିନ ଓ ସୃତ ଲିଖନ ସେହିପରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଠାରୁ ନବମ ଓ ଦଶମ ଶ୍ରେଣିର ଛାତ୍ର ଛାତ୍ର ଗଳ୍ପ କଥନ ଓ କବିତା ଲେଖନ ଅନୁଷ୍ଠିତ ହୋଇଥିଲା । ସେହିପରି ମହାବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀ ମାନେ ଓଡିଶାର ବରିଷ୍ଠ କବିଙ୍କ କବିତା ଆବୃତି ପତିଯୋଗିତାରେ ଭାଗ ନେଇଥିଲୋ ସବ ମୋଟ ୧୫୦ରୁ ଅଧିକ ପତିଯୋଗି ଭାଗ ନେଇଥିଲେ । ଗାଳ୍ପିକ ଉଦୟ ଶଙ୍କର ଜାନୀ କାଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ବୌରାଗି ଚରଣ ସାହୁ, ମୁତ୍ୟୁଞ୍ଜୟ ସାହୁ, ପୁଷ୍ପାଞ୍ଜଳି ସାହି, ଶୋଭାଗିନି ନନ୍ଦ, ସରସ୍ୱତି ସାହୁ ପ୍ରମୁଖ କାଯ୍ୟକ୍ରମ କରିଚାଳନା କରିଥିଲେ । ସସଂଦର ସଭାପତି କେଦାର ନାଥ ବେହେରା, ଉପ ସଭାପତି ଭାଷ୍କର ସାନ୍ତରାୟ, ସମ୍ପାଦକ ତପନ କିରଣ ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ । କୃତି ପ୍ରତିଯୋଗିଙ୍କୁ ଆସନ୍ତା ୨୮ ତାରିଖ ରୌପ୍ୟ ଜୟନ୍ତି ରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୁଚନା ଦିଆଯାଇଛି ।

# ବିଦ୍ୟୁତ ଆଘାତରେ ଶ୍ରମିକର ମୃତ୍ୟୁ

ଜୟପୁର ,୧୮/୦୭ (ନି.ପ୍ର): ବିଦ୍ୟୁତ ଆଘାତରେ ଶ୍ରମିକର ମୃତ୍ୟୁ ହୋଇଛି । ମୃତକ ଜଣକ ହେଉଛନ୍ତି ବୈପାରିଗୁଡା ଥାନା ରାମଗିରି ଅନ୍ତର୍ଗତ ଅଳାଁଯୋଡି ଗ୍ରାମର କୃଷ୍ଣ ଖିଲ (୨୭) । ପୋଲିସ ସୁଚନା ଅନୁଯାଇ ବୈପାରିଗୁଡା ଥାନା ରାମଗିରି ଅନ୍ତର୍ଗତ ଅଳାଁଯୋଡି ଗ୍ରାମର କୃଷ୍ଣ ଖିଲ (୨୭) । ଜୟପୁର ପ୍ରକାଶ ବିଦ୍ୟାଳୟ ନିକଟରେ କାମ କରି ଶ୍ରମିକ ଜଣକ ମୋବାଇଲ ଚାର୍ଜ କରୁଥିଲେ । ସେହି ସମୟରେ ବିଦ୍ୟୁତ ଆଘାତ ପାଇ ପଡିଯାଇ ଗୁରୁତର ହୋଇ ପଡିଥିଲେ । ପରେ କୃଷ୍ଣକୁ ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ଜୟପୁର ଟାଉନ ପୋଲିସ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ କରି ୨୩/୨୨ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ବାଟ ଦେଖାଉଛି ବାଉଁଶ

ବାଉଁଶ.. ଆଦିବାସୀ ମଣିଷ ପାଇଁ ଏକ ଅନନ୍ୟ ପ୍ରାକୃତିକ ସାହାରା । ଏନ୍ତୁଡ଼ିଶାଳରେ ନବଜାତକର ନାହିଁ କଟିବା ପାଇଁ ବାଉଁଶ ପାତଠାରୁ ଆରମ୍ଭ କରି କୋକେଇ ଯାଏ, ଖୋଜାପଡ଼େ ଏଇ ବାଉଁଶ । ହେଲେ ଆଧୁନିକତାର ଚାକଚକ୍ୟ ଭିତରେ ଏହା ଯେମିତି ଏବେ ନିଜର ପରିଚୟ ହରାଇବସିଛି । ମୟୂରଭଞ୍ଜ ଜିଲ୍ଲାରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ଲମ୍ବା ଓ କଟା ବାଉଁଶ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରକୁ ଚାଲାଣ ହେଉଛି । ଏପରି ସମୟରେ ବାଉଁଶ ଯେ ଜିଲ୍ଲାବାସୀଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କ୍ଷମତା ରଖେ, ସେ ନେଇ ରାଜ୍ୟ କିମ୍ବା କେନ୍ଦ୍ର ସରକାର, କେହି ବି ଚିନ୍ତା କରି ନାହାଁନ୍ତି ।

ତେବେ ଏହି ବାଉଁଶ ଯେ ଅନେକଙ୍କୁ ବଳ ଯୋଗାଉଛି, ପେଟକୁ ଦାନା ଯେଉଛି; ତାର ଏକ ବଳିଷ୍ଠ ଉଦାହରଣ ଆମ ପାଖରେ ଅଛି । ଜିଲ୍ଲାର ବେତନଟୀ ବ୍ଲକ୍ ଅଧୀନ ଦହିକୋଟୀ ପଞ୍ଚାୟତ ଭାଲିଆ ଗ୍ରାମ । ଏହି ଗ୍ରାମ ଏବେ ମୁଣ୍ଡ ଟେକିଛି । ଏଠାରେ ୨୦୦୮ ମସିହାରେ ଆନନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୁଏ । ପ୍ରାଥମିକ ପର୍ଯ୍ୟାୟରେ ଗୋଷ୍ଠୀରେ ୨୧ଜଣ ମହିଳା ପୁରୁଷ କାମ କରୁଥିଲେ । ଏବେ ଏଠାରେ ୧୦ଜଣ ମହିଳା, ୧୦ଜଣ କାରିଗର ଓ ଦିନ ମଜୁରିଆଙ୍କୁ ମିଶାଇ ମୋଟ ୪୫ଜଣ କାମ କରୁଛନ୍ତି । ଏମାନେ ବାଉଁଶରୁ ସୋଫା ସେଟ, ଆରାମ ଚେୟାର, ଷ୍ଟୁଲ ସହ ପେନଷ୍ଟାଣ୍ଡ, ବସ୍ଷ୍ଟାଣ୍ଡ, ଫୁଲତୋଡ଼ା, ଫୁଲଚାଙ୍ଗୁଡ଼ି, ଚାବିରିଙ୍ଗ, ଧୂପଷ୍ଟାଣ୍ଡ, ଫୁଲକଚଣ୍ଡ ଇତ୍ୟାଦି ଇତ୍ୟାଦି କରି ବିକ୍ରି କରିଛନ୍ତି । ବାଉଁଶ ତିଆରି ଗୋଟିଏ ସୋଫା ସେଟର ଦାମ ୧୦ରୁ ୧୨ହଜାର ଟଙ୍କା ରହିଛି । ସେହିପରି ଆରାମ ଚେୟାରର ଦାମ ୧୮୦୦ରୁ ୨୦୦୦ଟଙ୍କା ରହିଛି। ତେବେ ଖର୍ଚ୍ଚକୁ ଛାଡ଼ି ଏବେ ଗୋଷ୍ଠୀକୁ ୧୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଲାଭାଂଶ ମିଳୁଛି । ସବୁଠାରୁ ବଡ଼କଥା ଯେ ବିଭିନ୍ନ ଆକର୍ଷଣୀୟ ଘରକରଣା ଜିନିଷ ନିର୍ମାଣ କରୁଥିବା କାରିଗରମାନଙ୍କ ମଧ୍ୟରେ ଅଧିକାଂଶ ହେଲେ ଜିଲ୍ଲାର ଅପରାଧ ପ୍ରବଣ ଜନଜାତି କୁହାଯାଉଥିବା ଲୋଧା ସଂପ୍ରଦାୟର ।



ଏଠାରେ ଗୋଷ୍ଠୀର ଆର୍ଥିକ ସଫଳତା ଦିଗକୁ ଛାଡ଼ିଦେଲେ ଲୋଧାଙ୍କୁ କର୍ମସଂସ୍ଥାନ ଯୋଗାଇବା ଭଳି ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ଅତ୍ୟନ୍ତ ପ୍ରଶଂସାଯୋଗ୍ୟ । ଯାହା ଲୋଧାମାନଙ୍କୁ ବଂଚିବାର ଏକ ନୂଆ ରାହା ଦେଖାଇଛି । ଏହା ଭିତରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଲକ୍ଷରୁ ଅଧିକ ଟଙ୍କାର ଉତ୍ପାଦ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି । ହେଲେ ଦୁଃଖ ଓ ପରିତାପର ବିଷୟ ଏହି ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧୀନରେ ରହିଥିଲେ ବି ଏଯାଏ କୌଣସି ସରକାରୀ ସହାୟତା କି ଅନୁଦାନ, କିଛି ବି ମଳିନାହିଁ ।





# ଦହି ପୋହଳା ବେସର

**ଆବଶ୍ୟକ ସାମଗ୍ରୀ:**
ପୋହଳା ମାଛ, ଦହି, ସୋରିଷ-ରସୁଣ ବଟା, ଟମାଟୋ, କଞ୍ଚା ଲଙ୍କା, ଜିରା, ଧନିଆ ପତ୍ର, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ସୋରିଷ ତେଲ, ଭୃଷଙ୍ଗ ପତ୍ର ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ପୋହଳା ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ମାଛରେ ଲୁଣ ଓ ହଳଦୀ ପକାଇ ଗୋଳାଇ ଏକ ପାତ୍ରରେ ରଖି ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ ମାଛକୁ ଭଲ ଭାବେ ଭାଜି ଦିଅନ୍ତୁ। ତା'ପରେ ମାଛକୁ ଏକ ପାତ୍ରକୁ କାଢ଼ି ରଖି ଦିଅନ୍ତୁ।

ଏବେ ପୁଣି କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ଗୋଟା ଜିରା, କଞ୍ଚା ଲଙ୍କା ଓ ଭୃଷଙ୍ଗ ପତ୍ର ପକାଇ ଭାଜନ୍ତୁ। ପରେ ସେଥିରେ ସୋରିଷ-ରସୁଣ ବଟାକୁ



ପକାନ୍ତୁ। ଏହା ପରେ କଟା ଟମାଟୋ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ମସଲା ଟିକେ କଷି ହୋଇଯିବା ପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ପୁଣି ଥରେ କଷନ୍ତୁ।

ଏହା ପରେ ସେଥିରେ ଦହି ପକାଇ ଦିଅନ୍ତୁ। ମନେରଖନ୍ତୁ ଦହି ପକାଇବା ବେଳେ ଗ୍ୟାସର ଆଞ୍ଚକୁ କମ୍ ରଖିବା ଦରକାର, ନ ହେଲେ ଦହି ଫାଟି ଯିବାର ସମ୍ଭାବନା ରହିଥାଏ ।

ତା'ପରେ ଏହି ମିଶ୍ରଣକୁ ଆସ୍ତେ ଆସ୍ତେ ଗୋଳାଇ ଦିଅନ୍ତୁ। ଏହା ପରେ ଭଜା ହୋଇଥିବା ପୋହଳା ମାଛକୁ ସେଥିରେ ପକାଇ ଦିଅନ୍ତୁ। ପରେ ଅଳ୍ପ ପାଣି ଦେଇ କରେଇକୁ ଘୋଡ଼ାଇ ଦିଅନ୍ତୁ। ପାଣି ମରି ଯିବା ପରେ ଘୋଡ଼ଣୀ କାଢି ଦିଅନ୍ତୁ। ସେଥିରେ କଟା ଧନିଆ ପତ୍ର ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମାଗରମ 'ଦହି ପୋହଳା ବେସର'।

# ମାନସିକ ଚାପର ମୁକାବିଲା



ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

**କେଉଁ କାରଣରୁ ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶୀର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍ଟିଟାସ୍କିଂ) କରିବା ଦ୍ୱାରା ମଧ ମାନସିକ ଚାପ ବୃଦ୍ଧି ପାଉଛି ।

# ବୁଲିଯାଆନ୍ତୁ ପଶ୍ଚିମବଙ୍ଗର ଦାର୍ଜିଲିଂ



ଦାର୍ଜିଲିଂ ପଶ୍ଚିମବଙ୍ଗ ରାଜ୍ୟର ଉତ୍ତରରେ ଅବସ୍ଥିତ । ଏହାର ସୀମା ବାଂଲାଦେଶ, ଭୂଟାନ ଓ ନେପାଳ ସହିତ ଲାଗିଛି । ଏହା ସମୁଦ୍ର ପତ୍ତନରୁ ୨୧୩୪ ମିଟର ଉଚ୍ଚରେ ସ୍ଥିତ ଓ ବିଭିନ୍ନ ବୌଦ୍ଧ ମଠ ଓ ହିମାଳୟର ପାହାଡ଼ ଦ୍ୱାରା ପରିବେଷ୍ଟିତ । ଏହା ଏକ ପ୍ରସିଦ୍ଧ ହିଲଷ୍ଟେସନ୍ । ଦାର୍ଜିଲିଂ କେବଳ ଚା ପାଇଁ ପ୍ରସିଦ୍ଧ ତା ନୁହେଁ ଏହାର ସୌନ୍ଦର୍ଯ୍ୟତା ପାଇଁ ଏହି ସହର ପୂରା ଦୁନିଆର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ସେଠାରେ ରହୁଥିବା ଅଧିକାଂଶ ନିବାସୀ ବୌଦ୍ଧ ଅଟନ୍ତି ଓ ପ୍ରାୟତଃ ନେପାଳୀ ଓ ବଙ୍ଗାଳୀ ଭାଷା କୁହାଯାଏ। ଭ୍ରମଣ ପାଇଁ ଏହା ଯେତେ ପ୍ରସିଦ୍ଧ, ସପିଙ୍ଗ୍ ପାଇଁ ମଧ ସେଠାରେ ଭଲ ବିକଳ୍ପ ରହିଛି । ଦାର୍ଜିଲିଂର ଉତ୍ପତ୍ତି ଦୁଇଟି ତିବ୍ବତୀ ଶବ୍ଦରୁ ହୋଇଛି ଯଥା- ଦୋରଜେ ଓ ଲିଙ୍ଗ । ଦୋରଜେର ଅର୍ଥ ବଜ୍ର ଓ ଲିଙ୍ଗର ଅର୍ଥ କ୍ଷେତ୍ର ବା ସ୍ଥାନ । ସେଥିପାଇଁ ଦାର୍ଜିଲିଂ ତେଜ ବଜ୍ରପାତ ଓ ବିଜୁଳି ପାଇଁ ମଧ ପ୍ରସିଦ୍ଧ । ସେଠାରେ ଥିବା ରୋପୱେ , ସିଆର ସବୁଠାରୁ ବଡ଼ ରୋପୱେ । ଟୟ ଟ୍ରେନର ସୁବିଧା ସେଠାରେ ରହିଛି ଓ ଏହା ଧିମା ଗତିରେ ଚାଲେ, କାରଣ ପର୍ଯ୍ୟଟକମାନେ ଭଲ ଭାବରେ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ସେଠାରେ ଥିବା ଟାଇଗର ହିଲରୁ ଆପଣ କଞ୍ଚନଜଙ୍ଘା ପର୍ବତର ଶୀର୍ଷରୁ ସୁର୍ଯ୍ୟୋଦୟର ବିସ୍ମୟକର ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ସହିତ ବରଫର ବଦଳୁଥିବା ରଙ୍ଗ ମଧ ଆପଣ ଉପଭୋଗ କରିପାରିବେ । ଆପଣ ଦାର୍ଜିଲିଂରୁ ସ୍ଥାନୀୟ ହସ୍ତ କଳା, ବିଭିନ୍ନ ସଂସ୍କୃତିର ପୋଷାକ, ବୌଦ୍ଧ କଳାକୃତି ଓ ତିବ୍ବତୀ କର୍ଲିନ୍ ଇତ୍ୟାଦି କିଣିପାରିବେ । ଏହା ବ୍ୟତୀତ ଦାର୍ଜିଲିଂର ଚା ଓ ହିମାଳୟନ ମହୁ ମଧ ପ୍ରସିଦ୍ଧ । ଦାର୍ଜିଲିଂରେ ବୁଲିବା ପାଇଁ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି ।



ସେଥିପାଇଁ ଅତିକମରେ ପାଞ୍ଚ ଦିନର ଏକ ଟୁରର ଯୋଜନା ପ୍ରସ୍ତୁତ କରିବା ଉଚିତ । ପ୍ରଥମ ଦିନରେ ଗାଇଡ୍ ଆପଣଙ୍କୁ ମିରିକ୍, ପଶୁପତିନଗର ବା ନେପାଳର ସୀମା ଦେଖାଇବେ । ତୃତୀୟଦିନରେ ୭ଟି ପଏଣ୍ଟର ଦେଖାଇବେ । ଏହି ସମୟରେ ହିମାଳୟନ ପର୍ବତାରୋହଣ ସଂସ୍ଥାନ ଓ ପ୍ରାଣୀ ଉଦ୍ୟାନ, ରୋପେୱେ, ତେନଜିଙ୍ଗ ରକ୍ ରରକ୍, ରୟାବିଲା ଇତ୍ୟାଦି ଅନେକ ସ୍ଥାନ ଦେଖାଇବେ । ଚତୁର୍ଥ ଦିନରେ ପାଞ୍ଚଟି ପଏଣ୍ଟ ବୁଲେଇବା ସହିତ ଜାପାନୀ ମନ୍ଦିର, ଲାଲ କୋଠୀ, ଅବା ଆର୍ଟ ଗ୍ୟାଲେରୀ, ଧୀରଧାମ ମନ୍ଦିର ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଇତ୍ୟାଦି ଦେଖାଇବେ । ଶେଷ ଦିନରେ ରକ୍ ଗାର୍ଡ଼େନ , ଗଙ୍ଗାମାୟା ପାର୍କ ଇତ୍ୟାଦିର ଟୁର୍ କରାଇଥାନ୍ତି ।



## କିପରି ଯିବେ :

ଦାର୍ଜିଲିଂର ନିକଟତମ ଏୟାରପୋର୍ଟ ହେଉଛି ବାଗଡୋଗରା । ଯାହା ଦାର୍ଜିଲିଂ ଠାରୁ ୮୮କିମି ଦୂର ଏୟାରପୋର୍ଟରୁ ତିନି ଘଣ୍ଟାର ଯାତ୍ରା ପରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ଏହି ଏୟାରପୋର୍ଟ ଦେଶର ମେଟ୍ରୋ ସହରର ଏୟାରପୋର୍ଟ ସହିତ ଯୋଡ଼ା ଯାଇଛି । ନ୍ୟୁ ଜଲପାଇଗୁଡ଼ି ଏହାର ନିକଟତମ ରେଲୱେଷ୍ଟେସନ ଓ ଦାର୍ଜିଲିଂରୁ ଏହା ୮୮ କିମି ମଧ ଦୂର । ଏହି ରେଲୱେ ଷ୍ଟେସନ ସବୁ ପ୍ରମୁଖ ସହର ସହିତ ଯୋଗାଯୋଗ ରହିଛି । ସେ ଠାରୁ ଅଢ଼େଇ ବା ତିନିଘଣ୍ଟା ମଧରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କ ପଥରେ ମଧ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କପଥରେ ମଧ ଦାର୍ଜିଲିଂରେ ପହଞ୍ଚିବାର ସୁବିଧା ରହିଛି ।

## କେବେ ଯିବେ:

ଦାର୍ଜିଲିଂ ବୁଲିବାକୁ ଚାହୁଁଥିଲେ ଆପଣ ବୈଶାଖରେ ଏପ୍ରିଲରୁ ଜୁନ୍, ମୌସୁମୀରେ ଜୁଲାଇକୁ ସେପ୍ଟମ୍ବର ଓ ଶୀତରେ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧରେ ଆସିପାରିବେ । ଏହି ସବୁ ମାସରେ ଦାର୍ଜିଲିଂର ସୌନ୍ଦର୍ଯ୍ୟକୁ ଅଧିକ ଉପଭୋଗ କରିପାରିବେ ।

# ଆସ ପିଇବା ମସଲା ଚା'

ପାଣି ବ୍ୟତୀତ ଲୋକେ ଆଉ ଯାହା ଅଧିକ ପିଅନ୍ତି, ତାହା ହେଉଛି ଚା' । ପୂର୍ବେ ଏହାକୁ ଔଷଧ 'କ୍ୱାଥ' ବା 'କାଢ଼ା' ରୂପେ ପିଆ ଯାଉଥିଲା । ଏହି ପରି ଖରା ଓ ବର୍ଷାର ମିଶ୍ରିତ ଋତୁରେ, ସ୍ୱାସ୍ଥ୍ୟ ରକ୍ଷାକାରୀ ଜଡ଼ିବୁଟୀ ମିଶିଥିବା ମସଲା ଚା' ପିଇବା ଅତ୍ୟନ୍ତ ଉପାଦେୟ । ସାଧାରଣ ଚା' ଅନେକ ସମୟରେର ବିଭିନ୍ନ ପ୍ରକାରର ସ୍ୱସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ଗୋଟିଏ ହେଉଛି- ଅମ୍ଳ ବୃଦ୍ଧି । ଏଣୁ ସାଧାରଣର ଚା' ପରିବର୍ତ୍ତେ ଆୟୁର୍ବେଦୀୟ ଚା' ବା 'ହର୍ବାଲ୍ ଟି' ପିଇଲେ ତାହା ଶରୀରକୁ ଫୂର୍ତ୍ତି ଦେବା ସହିତ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) ବଢ଼ାଇବାରେ ସାହାଯ୍ୟ କରିଥାଏ । ବୈଜ୍ଞାନିକମାନଙ୍କ ମତରେ, ଏପରି ଋତୁରେ 'ବ୍ୟାକ୍ଟେରିଆ' ବା 'ଭାଇରସ୍' ଦ୍ରୁତ ଗତିରେ ବଢ଼ିଥାନ୍ତି । ଫଳରେ ଏହା ସଂକ୍ରମଣ ବା 'ଏଲର୍ଜୀ' ଆଦିର କାରଣ ହୋଇଥାଏ । ଏଣୁ ଏହି ସଂକ୍ରମଣ ପାଇଁ ସତର୍କ ରହିବା ଏକ ପ୍ରତିଷେଧାତ୍ମକ ଆବଶ୍ୟକତା । ଏହି ଜଡ଼ିବୁଟୀ ମିଶା ଆୟୁର୍ବେଦୀୟ ଚା' ବା ମସଲା ଚା' ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଫଳରେ ଶରୀର ସଂକ୍ରମଣ ବିରୋଧରେ ଲଢ଼େଇ କରିପାରେ । ସାଧାରଣ ଭାବରେ କେବଳ ଲବଙ୍ଗ ଚା' ପିଇଲେ କଫଜ ସଂକ୍ରମଣରୁ ରକ୍ଷା ମିଳିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସର୍ଦ୍ଦି, କଫ, କାଶ ଆଦି ଥଣ୍ଡା ରୋଗର ପ୍ରତିଷେଧକ ହିସାବରେ ପେୟ ବା ଚା'ର ଅବତାରଣା ଏଠାରେ କରାଯାଉଛି ।

## ଗୋଲାପ ଚା' :

ଗୋଲାପ ଫୁଲ ଅତି ସହଜରେ ମିଳିଥାଏ । ଏହାର ପାଖୁଡ଼ା ସହିତ ଲବଙ୍ଗ, ଅଳେଇଚ, ଗୋଲମରିଚ ଆଦି ମିଶାଇ ଉତ୍ତମ ଚା' ପ୍ରସ୍ତୁତ କରାଯାଇପାରେ । ଏହାଦ୍ୱାରା ଶରୀରର ଗରମ ବା ଦାହ ହ୍ରାସ ହୋଇ ଜ୍ୱରର ଉପଶମ ଘଟେ ଥଣ୍ଡା, କାଶ ଓ ସର୍ଦ୍ଦି ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ ।



## ଅଦା-ହଳଦୀ ଚା' :



ସାଧାରଣତଃ ଅଦା ଓ ହଳଦୀ ଏକ ଉତ୍ତମ ସମ୍ମିଶ୍ରଣ । ଏଣୁ ଏଥିରେ ତିଆରି ଚା' ଶରୀରର ବିଷାକ୍ତ ଉପାଦାନଗୁଡ଼ିକୁ ନଷ୍ଟକରି ଦିଏ । ଅଦା ପେଟର ଆମଦୋଷ ଓ ହଳଦୀ ରକ୍ତ ତଥା ଶ୍ୱସନ ସଂସ୍ଥାନଗତ ବିଷାକ୍ତଦୋଷକୁ ନଷ୍ଟ କରେ । ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।



## ମସଲା ଚା' :

ଏହି ଚା ପାଇଁ କ୍ଷୀର ଓ ଚିନି ଦରକାର ପଡ଼େନାହିଁ । ଗୋଲମରିଚ, ଅଳେଇଚ ବା ଗୁଜୁରାତି, ଲବଙ୍ଗ, ଡାଳଚିନି ଆଦିର ଚୂର୍ଣ୍ଣରେ ଏହା ପ୍ରସ୍ତୁତ କରାଯାଏ । ବିଶେଷ କରି ଶ୍ୱସନ-ସଂସ୍ଥାନର ସଂକ୍ରମଣ ଯଥା, କାଶ, ଥଣ୍ଡା, ଜ୍ୱର ଆଦି ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ । ପୋଦିନା ଚା': ଏହା 'ଆଣ୍ଟି ଅକ୍ସିଡାଣ୍ଟ' ବା ବିଷାକ୍ତ ଉପାଦାନ ବିରୋଧୀ ଗୁଣରେ ଭରପୂର । ଏହା ମଧ୍ୟ ଭରପୂର । ଏହା ମଧ୍ୟ ଉତ୍କୃଷ୍ଟ ପାଚନକାରୀ । ଏହି ଚା' ପିଇବା ଦ୍ୱାରା ମାନସିକ ଅବସାଦ ବା ଚିନ୍ତା ଆଦି ଦୂର ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମ୍ଭାବନାର ସ୍ୱର...

ଗତ ସପ୍ତାହରେ ଭାରତ ଏକ ନୂତନ ମଂଚର ବରିଷ୍ଠ ନେତୃସ୍ତରୀୟ ବୈଠକରେ ଯୋଗଦେଇଥିଲା, ଯାହାର ନାମ ଆଇ୨ୟୁ୨। ନୂଆ କଛି ପଦ୍ଧତି ଆବିଷ୍କାର କରିବାର ଲକ୍ଷ୍ୟନେଇ ଆରମ୍ଭ ହୋଇଥିବା ଏହି ପ୍ରତିଶ୍ରୁତିପୂର୍ଣ୍ଣ ସାହସିକ ଆଂଚଳିକ ମେଂଟର ନାମକରଣରେ ଏକତ୍ରିତ ହୋଇଥିବା ଦେଶମାନଙ୍କ ନାମର ପ୍ରଥମ ଅକ୍ଷରଗୁଡ଼ିକର ସମାହାର ଘଟିଛି (ଭାରତ- ଇସ୍ରାଏଲ-ଯୁକ୍ତରାଷ୍ଟ୍ର ଆମେରିକା-ସଂଯୁକ୍ତ ଆରବ ଏମିରେଟ୍ ବା ୟୁଏଇ)। ନିକଟରେ ଅନୁଷ୍ଠିତ ଏହି ରାଷ୍ଟ୍ରର ନେତାମାନଙ୍କର ଆଭାସୀ ସମ୍ମିଳନୀ ଅତୀତର ଏକ ପ୍ରତିଫଳନ, ବର୍ତ୍ତମାନର ଏକ ରୂପରେଖ ଏବଂ ଭବିଷ୍ୟତର ଏକ ଝଲକ ପ୍ରଦାନ କରିଛି। ଆଉ ଏହାର ବୈଠକ ଉପରାନ୍ତ ଚେହେରା ସମସ୍ତଙ୍କ ପାଇଁ ଅବଶ୍ୟ କିଛି ଆନନ୍ଦିତ ହେଲାଭଳି ବାର୍ତ୍ତା ପ୍ରଦାନ କରିଛି, ଯେହେତୁ ଏହା ବର୍ତ୍ତମାନ ମାନବ ସମାଜ ସମ୍ମୁଖୀନ ହେଉଥିବା ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟା: ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛ ଶକ୍ତିର ସମାଧାନ ନିମନ୍ତେ ବୈଷୟିକ ଜ୍ଞାନକୌଶଳ, ପରିଚାଳନା ଏବଂ ପାଣ୍ଠି ହସ୍ତାନ୍ତରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ଚାରି ରାଷ୍ଟ୍ରଙ୍କର ଏହି ଗୋଷ୍ଠୀର ପ୍ରଥମ ବୈଠକରେ ଯୋଗଦେଇଥିଲେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡ଼େ, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ୟାଇର ଲାପିଡ୍ ଏବଂ ୟୁଏଇର ରାଷ୍ଟ୍ରପତି ଶେଖ୍ ମହମଦ ବିନ୍ ଜାୟେଦ୍ ଅଲ୍ ନାହାୟନ୍। ବୈଠକର କାର୍ଯ୍ୟସୂଚୀର ଆଧାର ଥିଲା ବିଶ୍ୱର ପ୍ରମୁଖ ସମସ୍ୟା ସମୂହ ଏବଂ ସେମାନେ ଏହାର ସମ୍ଭାବ୍ୟ ସମାଧାନ ନିମନ୍ତେ ପନ୍ଥା ବାହାର କରିଥିଲେ। ଏହି ନେତାମାନେ ଘରୋଇ ଉଦ୍ୟୋଗର ପାଣ୍ଠି ଏବଂ ବିଶେଷଜ୍ଞତାକୁ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ, ବ୍ୟକ୍ତିଗତ ସ୍ତରରେ ସଂଯୋଗ, ବର୍ଜ୍ୟବସ୍ତୁ ଉପଚାର, ଷ୍ଟାର୍ଟଅପ୍, ଗୁରୁତ୍ୱପୂର୍ଣ୍ଣ ଅଭିନବ ଏବଂ ସବୁଜ ଜ୍ଞାନକୌଶଳକୁ କାମରେ ଲଗାଇବାକୁ ନେଇ ସେମାନଙ୍କର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଉ ଏହି ଚାରିଗୋଟିଯାକ ରାଷ୍ଟ୍ରଙ୍କ ନିକଟରେ ପ୍ରଯୁକ୍ତିବିଦ୍ୟାର ଓ ଦକ୍ଷତା, ଭିତ୍ତିଭୂମି ଏବଂ ପାଣ୍ଠି ରହିଛି ଏସବୁ ଉପରେ ବଡ଼ ଧରଣର ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ, ଯାହାକୁ ପରୀକ୍ଷାମୂଳକ ଭାବରେ ପ୍ରୟୋଗ କରି ସେମାନେ ସାମୂହିକ ଭାବରେ ବିଶ୍ୱର ମଙ୍ଗଳ କରିପାରିବେ। ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ଏକ ସକାରାତ୍ମକ ଏବଂ ବାସ୍ତବବାଦୀ କାର୍ଯ୍ୟସୂଚୀ ବୋଲି କହିଛନ୍ତି, ଯାହା ତାଙ୍କ ଭାଷାରେ 'ଏକ ବୈଶ୍ୱିକ ଅସୁରକ୍ଷା' ରୂପକ ସମସ୍ୟାକୁ ସମାଧାନ କରିପାରିବେ। ଆଉ ଏହି ମଡେଲଟି ହେଉଛି ବିଭିନ୍ନ ରାଷ୍ଟ୍ରମାନଙ୍କର ସହଯୋଗଭିତ୍ତିକ ଢ଼ାଞ୍ଚା। ମୋଟାମୋଟି ଅଳ୍ପ ଶବ୍ଦରେ କହିଲେ, ୟୁଏଇ ଭାରତରେ ସମନ୍ୱିତ ଫୁଡ୍ ପାର୍କଗୁଡ଼ିକ ପ୍ରତିଷ୍ଠା କରିବା ନିମନ୍ତେତ ୨ ବିଲିଅନ୍ ଡଲାର ନିବେଶ କରିବ, ଯେଉଁଗୁଡ଼ିକରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ସର୍ବୋତ୍କୃଷ୍ଟ ଜଳବାୟୁ-ସ୍ମାର୍ଟ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯିବ। ପୁନଶ୍ଚ, ଗୁଜରାଟରେ ୩୦୦ ମିଲିଅନ୍ ଡଲାର ବ୍ୟୟ ଅଟକଳରେ ୩୦୦ ମେଗାୱାଟର ପବନ ଏବଂ ସୌରଶକ୍ତିର ଏକ ହାଇବ୍ରିଟ୍ ପୁନଃନବୀକରଣୀୟ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ସ୍ଥିର ହୋଇଛି ଯେଉଁଥିରେ ବ୍ୟାଟେରୀ ଖଂଜାଯାଇ ଶକ୍ତିକୁ ଭଣ୍ଡାରଣ କରି ରଖାଯିବ। ଏହାର ଲକ୍ଷ୍ୟ ହେଉଛି, ଭାରତକୁ ପୁନଃନବୀକରଣୀୟ ଶକ୍ତି କ୍ଷେତ୍ରରେ ବିକଳ୍ପ ଯୋଗାଣ ଶୃଙ୍ଖଳାର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା। ସମ୍ମିଳନୀରେ 'ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଏବଂ ପୁଂଜିନିବେଶକାରୀ ଭାଗିଦାର'ମାନଙ୍କ ଉପରେ ଯଥେଷ୍ଟ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ଏହିସବୁ ଉଦ୍ୟମର ପୁରୋଭାଗରେ ରହିବ ଏବଂ ଏହାର ଲକ୍ଷ୍ୟ ହାସଲ କରିବା ପାଇଁ 'ସୁ-ପ୍ରତିଷ୍ଠିତ ବଜାରଗୁଡ଼ିକର ଅନ୍ୱେଷଣ କରିବା ନିମନ୍ତେ ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ୟଭାବରେ କହିଲେ, ଭାରତ ଏହାର ସମସ୍ୟା ଗୁଡ଼ିକର, ବିଶେଷକରି ଖାଦ୍ୟ ଏବଂ ଶକ୍ତି ବଜାରର ସମସ୍ୟାର ସମାଧାନ କରିବା ନିମନ୍ତେ ଆନ୍ତର୍ଜାତିକ ସ୍ତରର ପାଣ୍ଠି ଏବଂ ବୈଷୟିକ ଜ୍ଞାନକୌଶଳର ଆହରଣ ଉଦ୍ଦେଶ୍ୟରେ ନିଜକୁ ଉନ୍ମୁକ୍ତ ରଖିବାର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇଛି।

# ରାଜନୀତିରେ ମୟୁରଭଞ୍ଜ ମହିଳାଙ୍କ ସଫଳତା



ଶ୍ରୁତକିର୍ତ୍ତୀ ତ୍ରିପାଠୀ

ମୟୁରଭଞ୍ଜ ମାଟିର ଝିଅ, ଉପରବେଡା ଗାଁର ସଫଳ ମହିଳା, ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବାକୁ ଯାଉଥିବାର ଖବର ସମଗ୍ର ଆଦିବାସୀ ସମ୍ପ୍ରଦାୟ ସହିତ ପ୍ରତିଟି ମହିଳାଙ୍କ ଭିତରେ ଖୁବ ଉତ୍ସାହ ଓ ଆନନ୍ଦର ଲହରୀ ସୃଷ୍ଟି କରିଛି । ଜୁଲାଇରେ ହେବାକୁ ଥିବା ନିର୍ବାଚନରେ ବିଜୟୀ ହେଲେ ସେ ହେବେ ଦେଶର ପ୍ରଥମ ଆଦିବାସୀ ଓ ଦ୍ୱିତୀୟ ମହିଳା ରାଷ୍ଟ୍ରପତି । ବୟସ ଦୃଷ୍ଟିରୁ ଦେଖିଲେ ଶ୍ରୀମତୀ ମୁର୍ମୁ ହେବେ ଦେଶର ସର୍ବ କନିଷ୍ଠ ରାଷ୍ଟ୍ରପତି । ମୟୁରଭଞ୍ଜ ଭଳି ଦୁର୍ଗମ, ଆଦିବାସୀ ବହୁଳ ଜିଲ୍ଲାରୁ ଶ୍ରୀମତୀ ମୁର୍ମୁ ପ୍ରଥମ ମହିଳା ନୁହଁନ୍ତି, ଯିଏ ରାଜନୀତିରେ ନିଜର ପତିଆରା ବଜାୟ ରଖିଛନ୍ତି । ଅଶୀ ଦଶକରୁ ଆଜି ପର୍ଯ୍ୟନ୍ତ ମୋଟ ୬ ଜଣ ମହିଳା ଆଦିବାସୀ ନେତ୍ରୀ ରାଜନୀତି କ୍ଷେତ୍ରରେ ସଫଳତା ଗ୍ରହଣ କରିଛନ୍ତି ।

୧୯୮୦ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ସରସ୍ୱତୀ ହେମ୍ବ୍ରମ୍ କଂଗ୍ରେସରେ ଯୋଗ ଦେଇ ରାଜନୀତିରେ ପ୍ରବେଶ କରିଥିଲେ । ୧୯୮୦ - ୮୫ ଏବଂ ୧୯୮୫ - ୯୦ ରେ ଦୁଇ ଦୁଇ ଥର କୁଳିଅଣା ବିଧାନସଭା ଆସନରୁ ଏବଂ ୧୯୯୫ରେ ଖୁଣ୍ଟା ବିଧାନସଭା ଆସନରୁ ନିର୍ବାଚିତ ହେବା ପରେ ସେ କ୍ୟାବିନେଟ୍ ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ସେହିପରି ୧୯୮୬ରେ ମାତ୍ର ୩୦ ବର୍ଷ ବୟସରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଆଦିବାସୀ ମହିଳା ନେତ୍ରୀ ସୁଶୀଳା ତିରିଆ । ୧୯୯୪ ଓ ୧୯୯୬ ରେ ସେ ଦୁଇଥର ସାଂସଦ ଭାବରେ ନିର୍ବାଚିତ ହୋଇ ଲୋକସଭାରେ ପ୍ରତିନିଧିତ୍ୱ କରିଥିଲେ। ୯୦ ଦଶକରେ ରାଜ୍ୟ କଂଗ୍ରେସର ଜଣେ ଟାଣୁଆ ନେତ୍ରୀ ରୂପେ ତାଙ୍କର ସୁନାମ ରହିଥିଲା । ଆହୁରି ୨୦୦୬ ରେ ସେ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାକୁ ଯାଇଥିଲେ ଏବଂ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ସଭ୍ୟା ମଧ୍ୟ ହେବାର ଗୌରବ ପ୍ରାପ୍ତ କରିଥିଲେ।

ପୂର୍ବତନ ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଝିଅ ସରୋଜିନୀ ହେମ୍ବ୍ରମ୍ ଅଧାପନା ଛାଡି ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ସେ ୨୦୦୦ ସାଧାରଣ ନିର୍ବାଚନରେ ବାଙ୍ଗିରିପୋଷି ବିଧାନସଭା ଆସନରୁ ଜିତି ମନ୍ତ୍ରୀ ହେବା ଏବଂ ଏପର୍ଯ୍ୟନ୍ତ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବା ରାଜନୀତିରେ ମୟୁରଭଞ୍ଜ ମାଟିର ମହିଳାଙ୍କ ଦଖଲ ବିଷୟରେ ସୂଚନା ଦିଏ ।

୨୦୧୯ରେ କରଞ୍ଜିଆ ବିଧାନସଭା ଆସନରୁ ବି.ଜେ.ଡି. ପାଇଁ ବାସନ୍ତୀ ହେମ୍ବ୍ରମ୍ ନିର୍ବାଚିତ ହେବା ପରେ ଏବେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି । ତଳସ୍ତରରୁ ରାଜନୀତି ଆରମ୍ଭ କରି ସେ ଏବେ ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହେବାରେ ସକ୍ଷମ ହୋଇଛନ୍ତି ।

ଏହା ବ୍ୟତୀତ ଆଉଜଣେ ଆଦିବାସୀ ମହିଳା, ଯିଏ ବେଶ ଚର୍ଚ୍ଚାରେ ଅଛନ୍ତି, ସେ ହେଉଛନ୍ତି ମମତା ମହାନ୍ତ । କୁଡୁମୀ ସମ୍ପ୍ରଦାୟର ଏକମାତ୍ର ମହିଳା, ଯିଏ ରାଜନୀତିରେ ରାଜ୍ୟ ସଭାରୁ ପ୍ରତିନିଧି ସାଜିଛନ୍ତି । ୨୦୨୦ ରେ ବି.ଜେ.ଡି. ରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଅଳ୍ପ ସମୟ ଭିତରେ ସୁନାମ ପାଇଛନ୍ତି ।

ଉପରୋକ୍ତ ସମସ୍ତ ଆଦିବାସୀ ମହିଳାଙ୍କ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ ପରେ ଏବେ ଦ୍ରୌପଦୀ ମୁର୍ମୁଙ୍କ ପାଳି ପଡିଛି । ଶିକ୍ଷକତାରୁ ବି.ଜେ.ପିରେ ଯୋଗଦାନ ଦେବା ପରେ କାଉନସିଲର ଓ ତା ପରେ ୨ ଥର ବିଧାୟକ ଓ ମନ୍ତ୍ରୀ ହେବାର ସୌଭାଗ୍ୟ ତାଙ୍କୁ ପ୍ରାପ୍ତ ହୋଇଛି । ୨୦୧୫ ରେ ଝାଡ଼ଖଣ୍ଡର ରାଜ୍ୟପାଳ ଏବଂ ବର୍ତ୍ତମାନ ଏନ୍. ଡ଼ି. ଏ ର ରାଷ୍ଟ୍ରପତି ପ୍ରାର୍ଥୀ । ଆଶା ରହିଛି ସେ ନିଶ୍ଚିତ ରୂପେ ରାଷ୍ଟ୍ରପତି ହେବେ ଏବଂ ମୟୁରଭଞ୍ଜ ତଥା ସାରା ରାଜ୍ୟ ସହିତ ସମଗ୍ର ଦେଶର ମହିଳା ମାନଙ୍କୁ ଗର୍ବିତ ଅନୁଭବ କରେଇବେ।

କହିବାକୁ ଗଲେ ମୟୁରଭଞ୍ଜ ମାଟିର ମହିଳାମାନେ ରାଜନୀତିରେ ସକ୍ରିୟ ହେବା ପରେ ତାଙ୍କ ଜିଲ୍ଲାବାସୀ ତାଙ୍କଠାରୁ ବିଶେଷ ଆଶାବାଦୀ ହେବା ଯଥାର୍ଥ । ସତ୍ୟତା ହେଉଛି ଦେଶ ଓ ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ ମୟୁରଭଞ୍ଜ ବହୁ କ୍ଷେତ୍ରରେ ପଛରେ ରହିଯାଇଛି । ଯେମିତିକି ବିକାଶ, ନାରୀଶିକ୍ଷା, ରୋଜଗାର ଆହୁରି ଅନେକ କିଛି । ଉଦାହରଣ ସ୍ୱରୂପ ରାଜ୍ୟରେ ନାରୀଶିକ୍ଷା ହାର ୬୯. ୫% ଥିଲାବେଳେ ମୟୁରଭଞ୍ଜରେ ୫୮.୬%। ତେବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାର ନେବା ପରେ ଏ ସମସ୍ୟା ଗୁଡ଼ିକ କ୍ରମଶଃ ହ୍ରାସ ପାଇବ ବୋଲି ମୟୁରଭଞ୍ଜ ମାଟି ଆଶା କରେ। କିଛିଦିନ ତଳେ ହିଁ ସବୁଆଡେ ପ୍ରଚାରିତ ହୋଇଥିଲା ଯେ ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀନୀ ଘୋଷଣା ହେବା ପରେ ତାଙ୍କ ଗାଁରେ ବିଜୁଳି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଥିଲା, ଯାହା ସାରା ଗ୍ରାମବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ । ଆଗକୁ ଏହିପରି ଛୋଟବଡ଼ ଅନେକ ଅସୁବିଧା ଓ ସମସ୍ୟାର ଆସୁ ସମାଧାନ ଶ୍ରୀମତୀ ମୁର୍ମୁଙ୍କ ବିଚକ୍ଷଣ କାର୍ଯ୍ୟଶୈଳୀ ଦ୍ୱାରା ସମ୍ଭବପର ହେବ ବୋଲି କେବଳ ମୟୁରଭଞ୍ଜ ନୁହେଁ ଅନ୍ୟ ରାଜ୍ୟ, ସମଗ୍ର ଓଡିଶା ତଥା ପୁରା ଦେଶ ଆଶା କରେ।

ମହିଳାଟିଏ ହାତରେ ଶାସନର ଡୋରୀ ରହିଲେ, ଦେଶ ଆହୁରି ସୁରକ୍ଷିତ ଏବଂ ସୁସ୍ଥ ରହିବ ବୋଲି ଆଶା, କାରଣ ମାଆ ଟିଏ ତାର ସବୁ ପିଲାଙ୍କୁ ସମାନ ଭାବରେ ଆଦର, ସ୍ନେହ କରେ ତାଙ୍କ ଅସୁବିଧା ବୁଝି ତାର ଆପୋଷ ସମାଧାନ କରେ। ଏଣୁ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ପଦରେ ଅଭିଷିକ୍ତ ହେଲେ ଶିଶୁ, ମହିଳା, ଆଦିବାସୀ, ଗରିବ ସମ୍ପ୍ରଦାୟ ସହିତ ଦେଶର ସର୍ବାଙ୍ଗୀନ ବିକାଶର ପୁରୋଧା ସାଜିବେ । ତାଙ୍କ ପାଇଁ କେବଳ ତାଙ୍କର ମୟୁରଭଞ୍ଜ ମାଟି ନୁହେଁ ପୁରା ଓଡ଼ିଶା ସହିତ ସମଗ୍ର ବିଶ୍ୱ ଗର୍ବିତ ଅନୁଭବ କରିବ ।

+ମୋ: ୬୩୭୦୫୧୬୪୭୮
ଭୁବନେଶ୍ୱର

# ବନ ମହୋତ୍ସବ ପାଳନ ଗୋଟିଏ ସପ୍ତାହ କାହିଁକି ?



ପ୍ରଦୀପ୍ତ ଆଚାର୍ଯ୍ୟ

**ସରକାର, ପରିବେଶବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ବନୀକରଣ, ବନ ମହୋତ୍ସବ ସପ୍ତାହ ପାଳନ ଦ୍ୱାରା ସଚେତନତା ସୃଷ୍ଟି ସହିତ, ନୂତନ ବୃକ୍ଷ ରୋପଣ ନିମନ୍ତେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଫଳ କଣ ହେଉଛି? ବୃକ୍ଷ ରୋପଣ ହେଉଛି ସତ୍ୟ, କିନ୍ତୁ ଦୁର୍ବଳ ରକ୍ଷଣା ବେକ୍ଷଣ ପାଇଁ, ଏହା ପୂର୍ଣ୍ଣ ମାତ୍ରାରେ ସଫଳ ହୋଇ ପାରୁନାହିଁ। ଉଦ୍ଭିଦ ବିଜ୍ଞାନି ମାନଙ୍କ ମତାନୁଯାୟୀ, ଲୋକ ସଂଖ୍ୟା ଅନୁପାତରେ ଯେତିକି ଜଙ୍ଗଲ ରହିବା କଥା, ଆମ ଦେଶରେ ତାହା ଅଛିକି? ବଡ ବଡ ସହର ନଗର ମାନଙ୍କରେ ବାୟୁ ପ୍ରଦୁଷଣ ମାତ୍ରା, ଏତେ ଅଧିକ ହୋଇଯାଇଛି ଯେ, ସେଠାରେ ବିଶୁଦ୍ଧ ବାୟୁ ବିକ୍ରୟ ଆରମ୍ଭ ହୋଇ ଯାଇଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଏ ସମସ୍ୟା ଗ୍ରମାଂଚଳରେ ମଧ୍ୟ ପରିଲକ୍ଷିତ ହେବା ସୁନିଶ୍ଚିତ।**

ପ୍ରତ୍ୟେକ ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହ ରେ ପାଳିତ ହୁଏ ବନ ମହୋତ୍ସବ। ସରକାରୀ ସ୍ତରରୁ ଆରମ୍ଭ କରି ଅନେକ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ସମୟରେ ଅନେକ ବୃକ୍ଷ ରୋପଣ କରିଥାନ୍ତି। ପୂର୍ବାପେକ୍ଷା ଏହି କାର୍ଯ୍ୟର ବ୍ୟାପକତା ବୃଦ୍ଧି ପାଇଥିବା ଅନୁମେୟ। ତାହା ସୋସିଆଲ ମିଡିଆ ରେ ପ୍ରଚାର ପ୍ରସାର ଯୋଗୁଁ ହୋଇଥାଉ ବା ବୃକ୍ଷର ଆବଶ୍ୟକତା ନିମନ୍ତେ ଜନ ସାଧାରଣଙ୍କ ସଚେତନତା ଯୋଗୁଁ ହୋଇଥାଉ। ବୃକ୍ଷ ହିଁ ଜୀବନ,ଏହି ସ୍ଲୋଗାନ ସବୁବେଳେ ଦିଆ ଚାଲିଛି। ଜୀବନ ଧାରଣ ନିମନ୍ତେ, ବୃକ୍ଷର ଗୁରୁତ୍ୱ ଆବାଳ ବୃଦ୍ଧବନିତା, ସମସ୍ତେ ଜାଣନ୍ତି। ସରକାର, ପରିବେଶବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ବନୀକରଣ, ବନ ମହୋତ୍ସବ ସପ୍ତାହ ପାଳନ ଦ୍ୱାରା ସଚେତନତା ସୃଷ୍ଟି ସହିତ, ନୂତନ ବୃକ୍ଷ ରୋପଣ ନିମନ୍ତେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଫଳ କଣ ହେଉଛି? ବୃକ୍ଷ ରୋପଣ ହେଉଛି ସତ୍ୟ, କିନ୍ତୁ ଦୁର୍ବଳ ରକ୍ଷଣା ବେକ୍ଷଣ ପାଇଁ, ଏହା ପୂର୍ଣ୍ଣ ମାତ୍ରାରେ ସଫଳ ହୋଇ ପାରୁନାହିଁ। ଉଦ୍ଭିଦ ବିଜ୍ଞାନି ମାନଙ୍କ ମତାନୁଯାୟୀ, ଲୋକ ସଂଖ୍ୟା ଅନୁପାତରେ ଯେତିକି ଜଙ୍ଗଲ ରହିବା କଥା, ଆମ ଦେଶରେ ତାହା ଅଛିକି? ବଡ ବଡ ସହର ନଗର ମାନଙ୍କରେ ବାୟୁ ପ୍ରଦୁଷଣ ମାତ୍ରା, ଏତେ ଅଧିକ ହୋଇଯାଇଛି ଯେ, ସେଠାରେ ବିଶୁଦ୍ଧ ବାୟୁ ବିକ୍ରୟ ଆରମ୍ଭ ହୋଇ ଯାଇଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଏ ସମସ୍ୟା ଗ୍ରମାଂଚଳରେ ମଧ୍ୟ ପରିଲକ୍ଷିତ ହେବା ସୁନିଶ୍ଚିତ। ସମୟ ଆସିବ ଦିନେ ନା ଦିନେ, ମନୁଷ୍ୟ ସମାଜ, ପ୍ରକୃତିର ସର୍ବଶ୍ରେଷ୍ଠ ଦାନ, ବିଶୁଦ୍ଧ ବାୟୁ ଏବଂ ଜଳ ବ୍ୟତିରେକେ ଧ୍ୱଂସାଭିମୁଖୀ ହେବ, ଏହା ସ୍ପଷ୍ଟ ଦୃଶ୍ୟମାନ। ଜଙ୍ଗଲ କ୍ଷୟ ହେବାର ଅନେକ କାରଣ ମଧ୍ୟରୁ ତିନୋଟି ମୁଖ୍ୟ କାରଣ ହେଲା, ଜନ ବସତି ନିର୍ମାଣ, ପରିବହନ ନିମନ୍ତେ ରାସ୍ତାଘାଟ ନିର୍ମାଣ ଏବଂ ଆଧୁନିକ ଜୀବନ ଶୈଳୀର ଆବଶ୍ୟକତା ପରିପୁରଣ ନିମନ୍ତେ ଦ୍ରୁତ ଶିଳ୍ପାୟନ, ଯାହାକି ଆମ ନିୟନ୍ତ୍ରଣାଧୀନ ବୋଲି ଅସମ୍ଭବ ମନେ ହୁଏ। ଏ କାରଣ ସୃଷ୍ଟି ହେବାର ମୂଳ ବା ମୂଖ୍ୟ କାରଣ ହେଉଛି ଜନସଂଖ୍ୟା ବିସ୍ଫୋରଣ। ଭୌଗଳିକ ଏବଂ ଉଦ୍ଭିଦବିଜ୍ଞାନି ମାନଙ୍କ ଗବେଷଣା ଲବ୍ଧ ତଥ୍ୟ ହେଉଛି, ପୃଥିବୀ ପୃଷ୍ଠରେ ମନୁଷ୍ୟ ସୃଷ୍ଟି ହେବାର ବହୁ ପୂର୍ବରୁ, ବୃକ୍ଷଲତାର ସୃଷ୍ଟି। ମନୁଷ୍ୟ ସୃଷ୍ଟି ହେବା ପରେ ସେ ତାର ମୌଳିକ ଆବଶ୍ୟକତା ଯଥା ଖାଦ୍ୟ ବସ୍ତ୍ର ବାସଗୃହ ନିମନ୍ତେ, ସଂପୂର୍ଣ୍ଣ ଭାବରେ ଜଙ୍ଗଲ ଉପରେ ନିର୍ଭରଶୀଳ ଥିଲା। ଜଙ୍ଗଲର ଫଳମୁଳ ଥିଲା ତାର ଖାଦ୍ୟ, ଗଛର ପତ୍ର ଓ ବକଳ ଥିଲା ତାର ବସ୍ତ୍ର ଏବଂ ଗଛର କୋରଡ ଥିଲା ତାର ବାସଗୃହ। ଏତଦ୍ ବ୍ୟତୀତ ଅସୁସ୍ଥତା ଅନୁଭବ କଲେ ,ବିଭିନ୍ନ ବୃକ୍ଷର ପତ୍ର ଓ ଚେରମୂଳି ବ୍ୟବହାର କରି ଆରୋଗ୍ୟ ଲାଭ କରୁଥିଲା। କାଳକ୍ରମେ ଅଗ୍ନିର ବ୍ୟବହାର ଓ ଚାଷ କାର୍ଯ୍ୟ ଶିଖିବା ପରେ, ସେ ଯାଯାବର ଜୀବନରୁ ସ୍ଥାୟୀ ଜୀବନ ଯାପନ ଆରମ୍ଭ କଲା ଓ ତାର ଜଙ୍ଗଲ ନିର୍ଭରଶୀଳତା ହ୍ରାସ ପାଇଲା। କିନ୍ତୁ ଜାଳେଣୀ ଓ ଔଷଧ ପାଇଁ ବରାବର ଜଙ୍ଗଲ ଉପରେ ନିର୍ଭର କରୁଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁ, ଜନ ବସତି ସ୍ଥାପନ ତଥା କୃଷି କ୍ଷେତ୍ର ନିର୍ମାଣ ନିମନ୍ତେ ଧୀରେ ଧୀରେ ବୃକ୍ଷ ଛେଦନ କାର୍ଯ୍ୟ ଆରମ୍ଭ ହୋଇଗଲା। କ୍ରମେ କ୍ରମେ ଏହି ପ୍ରକ୍ରିୟା ବୃଦ୍ଧିପ୍ରାପ୍ତ ହୋଇ ମନୁଷ୍ୟ ସମାଜକୁ ଏକ ଭୟଙ୍କର ବିପଜ୍ଜନକ ପରିସ୍ଥିତିରେ ପକାଇ ଦେଇଛି। ପୃଥିବୀ ପୃଷ୍ଠରେ ମନୁଷ୍ୟ ର ଜୀବନ ଧାରଣ ନିମନ୍ତେ, ପ୍ରକୃତିର ଅଦ୍ଭୁତ ବରଦାନ ହେଉଛି ବୃକ୍ଷ। ଅରଣ୍ୟର ବୃକ୍ଷରାଜି ହେଉଛି ଏକ ପ୍ରାକୃତିକ ଜାତୀୟ ସମ୍ପଦ। କେନ୍ଦୁପତ୍ର, ଶାଳପତ୍ର, ଝୁଣା, ଲାଖ ଇତ୍ୟାଦି ଅର୍ଥକାରୀ ସାମଗ୍ରୀ ସାଙ୍ଗକୁ ଔଷଧୀୟ ବୃକ୍ଷଲତା ତଥା ସର୍ବୋପରି ମନୁଷ୍ୟର ଜୀବନ ଧାରଣ ନିମନ୍ତେ ଅମ୍ଳଜାନ ଯୋଗାଣ ହେଉଛି, ପ୍ରକୃତିର, ବୃକ୍ଷ ମାଧ୍ୟମରେ, ମନୁଷ୍ୟ ସମାଜକୁ ଶ୍ରେଷ୍ଠ ଦାନ। ବୃକ୍ଷ ବିନା ଜୀବନ ନାହିଁ। ଏହି ଅକାଟ୍ୟ ସତ୍ୟକୁ ହୃଦୟଙ୍ଗମ କରି, ଆସନ୍ତୁ ବୃକ୍ଷ ରୋପଣ କରିବା। ବର୍ଷା ଦିନ ଆରମ୍ଭ ହୋଇଗଲା। ଆଉ ଅପେକ୍ଷା କାହିଁକି? ଆବାଳ ବୃଦ୍ଧ ବନିତା, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ସରକାରୀ ବେସରକାରୀ ସଂସ୍ଥା ଓ ଯୁବ ସମାଜ ଆଗେଇ ଆସନ୍ତୁ। ନିଜକୁ ଏବଂ ଦ୍ରୁତ ଗତିରେ ଧ୍ୱଂସ ଅଭିମୁଖରେ ଧାବମାନ ଏ ସୁନ୍ଦର ପୃଥବୀକୁ ରକ୍ଷା କରିବା ପାଇଁ, ସମସ୍ତେ ଏକତ୍ରିତ ହୁଅନ୍ତୁ। ନିଜର ବାଡି ବଗିଚା ସହିତ, ପତିତ ଅନାବାଦୀ ଜମି ଏବଂ ରାସ୍ତା କଡରେ ବୃକ୍ଷ ରୋପଣ କରନ୍ତୁ। ଆସନ୍ତୁ କେବଳ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ରୂପେ ନପାଳି, ସାରା ବର୍ଷାଦିନକୁ ବନ ମହୋତ୍ସବ ରୂପେ ପାଳିବା। ନଡିଆ, ଆମ୍ବ, ପଣସ, ଗୁଆ, ତାଳ, କଦମ୍ବ ବଉଳ, ବର, ଓସ୍ତ ଠାରୁ ଆରମ୍ଭକରି ନିମ୍ବ ପର୍ଯ୍ୟନ୍ତ ହାତରେ ଯେଉଁ ମଞ୍ଜି ପଡିଲା, ତାକୁ ଲଗାଇ ଚାଲନ୍ତୁ। ଯୁବ ବନ୍ଧୁ ମାନଙ୍କ ପାଇଁ ଏକ ବଡ ଆହ୍ୱାନ। ମୋବାଇଲ ଚାଟିଙ୍ଗରେ ନିଜର ବହୁମୂଲ୍ୟ ସମୟକୁ ଅଯଥା ନଷ୍ଟ ନକରି, ନିଜଭବିଷ୍ୟତ, ନିଜ ବଂଶଧର ମାନଙ୍କ ଭବିଷ୍ୟତ ତଥା ଧ୍ୱଂସାଭିମୁଖୀ ଏ ପୃଥିବୀର ଭବିଷ୍ୟତକୁ ଲକ୍ଷ କରି, ବୃକ୍ଷ ରୋପଣ ପରି ମହତ ପୁଣ୍ୟ କାର୍ଯ୍ୟରେ ନିଜକୁ ସାମିଲ କରନ୍ତୁ। ପ୍ରଚାର ପ୍ରସାରର ମୋହ ତ୍ୟାଗ କରି, ଗଛ ଲଗାଇ ତାକୁ ସୁରକ୍ଷା ପ୍ରଦାନ କରି, କେଉଁ ପ୍ରକାର ସ୍ୱର୍ଗୀୟ ଆନନ୍ଦ ପ୍ରାପ୍ତି ହେଉଛି, ତାକୁ ଉପଭୋଗ କରନ୍ତୁ। ଏ ଭୟଙ୍କର କୋଭିଡ ମହାମାରୀରୁ କିଛି ଅନୁଭୁତି ସଂଗ୍ରହ କରନ୍ତୁ, ପ୍ରଦୁଷିତ ବାୟୁ ସେବନର ଭୟାବହତା କୁ ଅନୁଭବ କରନ୍ତୁ, ବିଶୁଦ୍ଧ ବାୟୁ କ୍ରୟ କରିବା ଦୃଶ୍ୟକୁ ମାନସ ଚକ୍ଷୁରେ ଦର୍ଶନ କରନ୍ତୁ, ବିନା ବୃକ୍ଷର ପୃଥିବୀ ପରିକଳ୍ପନା କରନ୍ତୁ, ତାପରେ ଫେରି ଆସନ୍ତୁ ବାସ୍ତବତାକୁ। ଜନ ସଂଖ୍ୟା ତୁଳନାରେ, ବୃକ୍ଷ ପରିମାଣ ହ୍ରାସ ପାଇବା, ମନୁଷ୍ୟ ସମାଜ ପ୍ରତି ଏକ ଭୟଙ୍କର ବିପଦ। ତେଣୁ ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ମାନସିକତାରେ, ସବୁଜ ବନାନୀ ସୃଷ୍ଟିର ବୈପ୍ଳବିକ ବୀଜ ବପନ କରିଦେବାର ସମୟ ଉପସ୍ଥିତ। ଆସନ୍ତୁ କଥାରେ ନୁହେଁ କାମରେ, ଉଚ୍ଚାରଣରେ ନୁହେଁ ଆଚରଣରେ ପ୍ରଦର୍ଶିତ କରିବା ଆମର ଶକ୍ତି, ନିଜକୁ ତଥା ଏ ପୃଥିବୀକୁ ଆସନ୍ନ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ।

+ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ଈଶାଣୀ,ବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦




## ମୌସୁମୀ ତୁମେ

**ସୁଭାଷ ଚନ୍ଦ୍ର ଭୂତିଆ**

ଶ୍ୟାମ ସୁନ୍ଦର ଯେ ଶୀତଳ ଦେହା
ତାପ ବିସର୍ଜିତା ସେ ଜୀବନ ରାହା
ମନ୍ଦ ମନ୍ଦ ଗତି ପଶ୍ଚିମ ତୀରୁ
ସ୍ନେହ ଶ୍ରଦ୍ଧା ବାରି ଝରେ ବକ୍ଷରୁ
ପୀରତି ପ୍ରଣୟ ସୁଖ
ପାଇ ଧରା ବକ୍ଷ
ସଜାଡିଣ ରୂପ
ଆଦରେ ଜୀବନ ଲକ୍ଷ୍ୟ ।
ଭିଯାଇ ଶରୀର ଯେ ଶୁଷ୍କ ମାଟି
ମହ ମହ ବାସ୍ନା ଆସୁଛି ଛୁଟି
ବିଭୋର ହୋଇଣ ଅନ୍ନ ମୋହରେ
କର୍ଷିଲା କୃଷକ କର୍ମ ତତ୍ପରେ
ଆଶାର ସଞ୍ଚାର ହେଲା
ଛନ ଛନ କ୍ଷେତ
ସବୁଜ ପଣତ
ଫର ଫର ଉଡାଇଲା ।
ଶୁଖିଲା ଗଛରେ ପଲ୍ଲବି ପତ୍ର
ଦେଖୁ ଦେଖୁ ପକ୍ଷୀ ହେଲେ ଆଗତ
ବାନ୍ଧିଣ ଡାଳରେ ସୁନ୍ଦର ବସା
ବଢିଗଲା ଏବେ ସଂସାର ନିଶା
ମୌସୁମୀ ଆସିବା ଜାଣି
ଚାପେ ମେଘମାଳ
ହୋଇଲେଟି ମେଳ
ବରଷି ଗଲେତ ପାଣି ।
କର୍ମ ଅନୁସରି ଫଳୁଛି ଫଳ
ଜୀବଗଣ ଦେହେ ବଢୁଛି ବଳ
ତୁଟି ଯାଇଅଛି ଭବିଷ୍ୟ ଦୁଃଖ
ଧନ ଧାନ୍ୟେ ଦେଖ ଆନନ୍ଦ ମୁଖ
ତାର ଉପସ୍ଥିତି ଜାଣି
ପୁରିଗଲା ଆଶା
ମଉଳି ଦୁର୍ଦ୍ଦଶା
ହସିଲା ଧରଣୀ ରାଣୀ ।
ମୌସୁମୀ ଗୋ ତୁମ ପରଶ ପାଇ
ଅତୀତ କୁ ଭୁଲି ଯାଇଛି ମୁହିଁ
ଠିକଣା ନଦେଇ କୁଆଡେ ଗଲ
କେମିତି ସୁଝିବି ତୁମରି ମୂଲ
ସେ କଥା ହେଉଛି ଘାରି
ସ୍ୱପ୍ନ ଭରା ଆଖି
ସ୍ମୃତି କୁ ନିରେଖି
ଆସିବକି ଦିନ ଫେରି ।

+ଡିହଡୋଳ, ପରଜଙ୍ଗ, ଢେଙ୍କାନାଳ

## ମନ

**ଦୀପକ କୁମାର ମିଶ୍ର**

ମନ ଯେ ହଂସିନୀ ଉଡିଯାଏ ଏହି କ୍ଷଣେ
କେଉଁ ଅପହଞ୍ଚ ଇଲାକାକୁ ମନେମନେ
ପାରିଜାତ ବନେ ଅବା ନନ୍ଦନକାନନେ
କିମ୍ବା ସ୍ୱର୍ଗପୁରୀ ତ୍ରିଭୁବନେ
ନଶ୍ୱର ଶରୀରକୁ
ଛାଡିଦେଇ ହୁତାଶନେ,
ଅରଣା ମହିଁଷି ପରି ଏଣେତେଣେ
ବୁଲୁଥାଏ ଅକାରଣେ
ଚକ୍ରବାକ ପରି ଘିରିଘିରି କରି
ସମୟ ଚକ୍ରର ଉଭୟ ପାର୍ଶ୍ୱରେ
ଶୂନ୍ୟଟାରେ ଉଡୁଥାଏ ।
ଜାଣି ନ ପାରଇ ଯେ ତାର
ପରହୀନ ଡେଣା
କେଉଁ ସୂକ୍ଷ୍ମ ମହମ ଦ୍ରବ୍ୟରେ ଗଢ଼ା
ପଶିଗଲେ କେଉଁ ଅଜଣା
ଉଷ୍ମ ଜୈବମଣ୍ଡଳରେ
ଦ୍ରିଭୂତ ହୋଇ ଖଣ୍ଡେ ଖଣ୍ଡେ ଡେଣା ଛିଣ୍ଡେ
ଆଉ ଯେ ଉଡି ନପାରଇ ଭଲେ,
ଖସଇ କେବଳ ମ୍ରିୟମାଣ
ହୋଇ ବେଗେ
କେଉଁ ଏକ ଅଜଣା ମାୟାର ପୃଷ୍ଠରୁ
ଆବେଗେ ଭୟ ଆଉ ଆତୁରରେ
ଯେମିତି ଖସଇ ଉଡ଼ାଜାହାଜ
କିଛି ଯାନ୍ତ୍ରିକ ତ୍ରୁଟି ଘଟିଲେ ।
ପଡଇ ସମୁଦ୍ରେ ଅବା
ଉତ୍ତପ୍ତ ମରୁ ଭୂଇଁରେ
କିମ୍ବା ଘଞ୍ଚ ଜଙ୍ଗଲ ନଇ ଅବବାହିକାରେ
ଖୋଜି ନ ପାରଇ ବିବେକ ବାହିନୀ
ଶତ ଚେଷ୍ଟା ଅଭିଯାନେ,
ମୃତ୍ୟୁ ନ ଆସଇ କି ଜୀଇଁ ନ ପାରଇ
ସଢ଼େ ହୀନିମାନେ ଏକାନ୍ତରେ
ଯେମିତି ତ୍ରିଶଙ୍କୁ ଓହଳିଥାଏ
ଝୁଲି ସରଗ ପୃଥିବୀ ମଧେ ।
ବୁଝିଯା ମନ ଥରଟିଏ
ବେଳ ଥାଉଥାଉ ହାତେ
ହଟିଯା ହୁଡ଼ିଲା ପଥରୁ
ହେଜି ଜ୍ଞାନ ଅବିଳମ୍ବେ
ଚେତାବନି ବାଣୀ ଶୁଣ
ହେତୁଦେଇ ଆରେ
ନତୁବା ଠେକିବୁ ଯାଇ
ତୁ ମରଣ ଦୁଆରେ
ଆହା କହିବାକୁ ପଦେ
କେହି ଯେ ନଥିବେ
ଭେଳା ବୁଡିଗଲା ବେଳେ,
ମଞ୍ଚ ଭାଙ୍ଗିଯିବ,ରଙ୍ଗ ଉଡିଯିବ,
ବୟସଯେ ଯିବ ଗଡି
ଆଉ ତାଳି ନ ଶୁଭିବ କାନେ
ହାରିଯିବୁ ଏଇ ଜୀବନ ଯୁଦ୍ଧରେ
ନାଟକେ ଯବନିକା
ପଡ଼ିଯିବ ଅକସ୍ମାତେ।ଞ୍ଚଞ୍ଚଞ୍ଚଞ୍ଚଞ୍ଚ

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ମୋ ଗାଆଁ

**ନିରଞ୍ଜନ ସାହୁ**

ମୋ ଗାଆଁ ପରି ଗାଆଁ ନାହିଁ ଏହି
ସାରା ଜଗତରେ ପରା
ସରଗ ସମାନ ଅଟେ ମୋର ଗାଆଁ
ଅପୂର୍ବ ସୁଷମା ଭରା ।
ମୋ ଗାଆଁର ନାମ ଜଗତେ ବିଖ୍ୟାତ
ଶତାୟୁ ବରଷ ଧରି
ବିଭିନ୍ନ ଜାତିର ବିଭିନ୍ନ ଧର୍ମର
ଲୋକମାନେ ବାସ କରି
ଭାଇଚାରା ନୀତି ବଜାୟ ରହିଛି
ନ ଚାଲଇ ହଣାମରା ।
ମୋ ଗାଆଁରେ ଅଛି ଅନେକ ପ୍ରକାର
ସରକାରୀ କାର୍ଯ୍ୟାଳୟ
ତା ସହିତ ଅଛି ମସଜିଦ , ଗୀର୍ଜା
ମଠ, ଟୁଙ୍ଗି, ଦେବାଳୟ
ଗାଆଁ ଚାରିପଟେ ପାଞ୍ଚଟି ପୋଖରୀ
କଇଁ ଜହ୍ନ ଆଖିଠରା ।
ମୋ ଗାଆଁର ଚାରିପଟେ ଶସ୍ୟକ୍ଷେତ୍ର
ପାହାଡ଼, ଝରଣା ପୁଣି
ମନ ମୋହିଯାଏ ଗୋପାଳ ପୁଅର
ବଂଶୀସ୍ୱନ ଦେଲେ ଶୁଣି
ଖଞ୍ଜଣି, କୀର୍ତ୍ତନ, ପାଲା, ଦାସକାଠି
କରିଦିଏ ଆତ୍ମହରା ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ମନେ ପଡୁଛ ବନ୍ଧୁ

**ଟିକେମଣି ବୃଦ୍ଧିଆ**

ଏମିତି ଏକ ବନ୍ଧୁର ସମ୍ପର୍କ
ବନ୍ଧୁକୁ କେବେ ଭୁଲି ହୁଏନା ,
ସର୍ବଦା ମନେ ପଡ଼ ବନ୍ଧୁ
ତୁମ କଥା ନ ଭାବିଲେ ମନ ବୁଝେନା ।
ଅନେକ ଥର କେତେ ଯେ ସାଥି ହୋଇ
ବୁଲିଅଛୁ ଯେ ଆମେ ଅନେକ ସ୍ଥାନ ,
ଦୁଃଖ ସୁଖର ଭାବ ବଣ୍ଟା ବଣ୍ଟି ହୋଇ
କଟିଯାଏ ଖୁସିରେ ଆମ ଦିନ ।
କଲେଜକୁ ଗଲେ ତୁମେ ବନ୍ଧୁ
ମତେ କର ସେନେହ ଓ ଆଦର ,
କିଭଳି ଭଲ ପଢିବା ଆଲୋଚନା କରୁ
ସର୍ବଦା ପାଠ ପ୍ରତି ଧ୍ୟାନ ଥାଏ ଆମର ।
ବନ୍ଧୁ ସହ ମିଶି ଅନେକ କାର୍ଯ୍ୟ କରି
ହୋଇଛୁ ଯେ ଆମେ ସର୍ବଦା ସଫଳ ,
ବନ୍ଧୁ ସହ କାର୍ଯ୍ୟ କରି ସଫଳ ହେଲେ
ନିଜକୁ ଲାଗିଥାଏ ଯେ ଭାରି ଭଲ ।
ତୁମ ସାଥିରେ ବିତେଇ ଥିବା
ଦିନ ଏବେ ବି ମନେ ଅଛି ବନ୍ଧୁ ,
ସେହି କଥା ସବୁ ଭାବିଦେଲେ
ସର୍ବଦା ତୁମେ ମନେ ପଡ଼ ବନ୍ଧୁ ।

+ରେଙ୍ଗସାପାଲି,କଳାହାଣ୍ଡି
ମୋ ୭୭୪୯୦୦୯୦୬୧

## ଆସ ଗଛ ଲଗାଇବା

**ଲୋକନାଥ ମହାପାତ୍ର**

ବୃକ୍ଷ ଆଜୀବନ ଆମର କରଇ ସେବା
ଆସ ଚାରା ଲଗାଇ ତାର ଋଣ ଶୁଝିବା
ବୃକ୍ଷ ଶିଖାଏ ସଦା ନଇଁ କରି ଚାଲିବା
ସମୟର ଶିଢି ଧରି ଆକାଶକୁ ଛୁଇଁବା
ଚାଲ ଭାଇ ଆମେ ସପଥ ନେବା
ସଭିଏଁ ମିଶି ଆସ ଗଛ ଲଗାଇବା
ଆସ ଭାଇ ଆମେ ଗଛ ଲଗାଇବା
ଦୂଷିତ ବାୟୁକୁ ବିଶୁଦ୍ଧ କରିବା
ଆସ ଭାଇ ଆମେ ଗଛ ଲଗାଇବା
ଧରଣୀ ମୁହଁରେ ହସ ଫୁଟାଇବା
ଆସ ଭାଇ ଆମେ ଗଛ ଲଗାଇବା
ଗଛ ଲଗାଇ ଆସ ପୁଣ୍ୟ କମାଇବା
ଆସ ଭାଇ ଆମେ ଗଛ ଲଗାଇବା
ଉତ୍ତପ୍ତ ପୃଥିବୀକୁ ଶୀତଳ କରିବା
ଆସ ଭାଇ ଆମେ ଗଛ ଲଗାଇବା
ବନ୍ୟା ବାତ୍ୟା ମରୁଡ଼ି ଦୂରେଇ ଦେବା
ଆସ ଭାଇ ଆମେ ଗଛ ଲଗାଇବା
ପରିବେଶକୁ ସୁରକ୍ଷା ଦେବା
ଆସ ଭାଇ ଆମେ ଗଛ ଲଗାଇବା
ପ୍ରକୃତି ରାଣୀକୁ ସଜାଇ ଦେବା।

+ବ୍ରହ୍ମପୁର



## ସାମର୍ଥ୍ୟ

### ଡ. ମନୋରଞ୍ଜନ ବିଷୋୟୀ

ତୁମକୁ ବାନ୍ଧିବା ପାଇଁ
ସାମର୍ଥ୍ୟ ବା କାହିଁ ମୋର
ବାନ୍ଧିବି ବାନ୍ଧିବି ବୋଲି
ଯେତେ ଥର ଖୋଲିଛି
ମୋ ବାହୁର ବଳୟ
ସେତେ ଥର ନିଷ୍ଠୁର
ପରିହାସର ସ୍ୱରଟିଏ
ସ  ରିଯାଏ
ଉଦ୍ୟତ ବାହୁର
ସବୁ ଉଦ୍ୟମ
ବ୍ୟର୍ଥ ହୋଇଯାଏ।
ଏବେ କିନ୍ତୁ ଖୋଲିଛି
ମୋ ଶବ୍ଦର ରଜ୍ଜୁ ସବୁ
ଏ ଇଲାକା ଡ଼େଇଁବା
ସାମର୍ଥ୍ୟ ବା କାହିଁ ତୁମର
ଏବେ ତୁମେ ବନ୍ଦ ମୋର
ଶବ୍ଦ ଇଲାକାରେ।


ସ୍ନାତକୋ  ର  ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭




## ବର୍ଷା ମୋହ

### ସୁବ୍ରତ କୁମାର ଜେନା



ଅମ୍ବରରେ ଦେଖ ଭାସଇ ବୋଇତ
କଳା ଜୀମୂତର ମୋହ ଦେଖି,
କଦମ୍ବ ଗଛରେ ବାସ ଛୁଟିଲାଣି
ପିକ ନାଚିଲାଣି ନଭେ ଦେଖି ।

କାକ ପିକ ପରି ପକ୍ଷୀଏ ଯେତେ
ହେଲେଣି ଖୁସିରେ ଅଥୟ,
ଲାଘବ ହୋଇଲା ମହୀରୁ ନିଦାଘ
ଗାଆନ୍ତି ଧରଣୀର ଜୟ ଜୟ ।

ବାଣ ରୋଷଣୀରେ ଆସୁଛି ସେ ରାଜା
ବରଷି ବାରି ପାଳିବ ପ୍ରଜା,
ସାରୁ ବୁଦାମୂଳେ କରି କେଂ କଟରଲୋ
ବେଙ୍ଗୁଲି କରଇ କେତେଯେ ମଜା ।

ଶାଗୁଆ ରଙ୍ଗର ପିନ୍ଧିବଲୋ ଶାଢ଼ୀ
ନବ ଯୌବନେ ଧରଣୀ ରାଣୀ,
ଭୁଲି ଭୁଲାଇବ ମନୁ ଯେତେ ବିଷାଦ
ଭରିବ ଖୁସି ମନକୁ ଜାଣି ।

ଶ୍ରୀକ୍ଷେତ୍ରରେ ଦେଖ କାଳିଆ ମେଘ
ବାହାରି ବସିଛି ସ୍ନାନ ମଣ୍ଡପ,
ସ୍ନାନ ମଣ୍ଡପରେ ସେ ସ୍ନାନ କରିଣ
ହଟ କରୁଛି ସେ ଦେଖାଇ ରୂପ।


ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦


## ମାଟି

### ସୁମିତା ବେହେରା



ମାଟି ବିଷୟରେ ଲେଖିବା
କ'ଣ ସହଜ କଥା !!
ତା ସହ ଅନ୍ତରଙ୍ଗ ହୋଇ
ତାକୁ ନିରେଖି, ପରଖି
ତା ବାସ୍ନାରେ ବିଭୋର ହେଲେ ବି
ମୁଁ ତାକୁ ଭଲପାଏ କି ନା ଜାଣେନା ।
ତାକୁ ଚାହିଁଦେଲେ
ଦିଶିଯାଏ ଅତୀତର ପୃଷ୍ଠା ପରେ ପୃଷ୍ଠା
ସେଥିରେ ଲେଖାଥିବା ମୋ ଅପାରଗପଣିଆ
ଅସହାୟତା, ଅସଜଡା
କ  କିତ ଜୀବନର ଗାଥା ।

ମାଟି ତ କେଉଁକାଳୁ ଖଣ୍ଡ ଖଣ୍ଡ
ଉଷର, ଶ୍ୟାମଳ
ବନ୍ଧ୍ୟା, କଂକରିଳ
ମୋର, ତାର
ସାହୁକାରର ବା ସରକାରର ।

ଯେଉଁ ବୁଭୁକ୍ଷୁ ମାନେ ମାଟିକୁ ମୋର କହି
ମାଡିବସିବାର ପ୍ରତୀକ୍ଷାରେ ଥିଲେ
ଏବେ ସେମାନେ ଶୋଇଛନ୍ତି
ନିଘୋଡ ନିଦରେ ତୂଳୀତଳ୍ପ ଶେଯରେ
ମୁଁ କିନ୍ତୁ ଅ  । ପିଠି ଏକ କରି
ମାଟି କାମୁଡି ପଡିଛି ବିକଟ ଅନ୍ଧକାରେ ।

ତଥାପି ମୋ କ୍ଷତରେ
ସେଇ ମାଟି ମୁଠାକ ମଇଲମ
ମାଟି ହିଁ ଅସ୍ତ୍ର, ମାଟି କବଚ
ମାଟି ପାଇଁ ଜୀବନ ମରଣ ।


କାଳିକାପୁର, ବାରିପଦା


## ଦୁଇ ପାଦ ମୋର

### ଅନୁରାଧା ମିଶ୍ର



ବୁଝିମୁଁ ନଥିଲି ଯେବେ
କବିତା କାହାଣୀ ମାନେ
ମୋ ପାଉଁଜି ଶବଦ ରେ
ତୋଳିଲ ମଧୁ ଝଙ୍କାର
ମିଠା ଶିହରଣ ଭରି
ମୋଠାରୁ ମୋତେ କଲ ପର
ଦେଖାଇଲ ସପନଟେ
ଗୀତିମୟ ଏ ଦୁନିଆଁର
ପୀରତି ଭରିଲ ପରାଣେ
ସାଜିଲି ମୁଁ ଶବଦର ଝର

ସେଦିନୁ ଜୀବନେ ତମେ
ଫୁଲବିଛା ପଥଟେଯେ ହେଲେ
ଦୁଇ ପାଦ ମୋର ହେଲା
କେବେ ଭାବ କେବେ ଅଭାବର!!


ସପନପୁର, ଦେବୀଦ୍ୱାର, ଯାଜପୁର
ମୋ: ୭୦୦୮୧୩୩୧୭୪


## ଅଭିନୟ

### ତରୁଣ କୁମାର ଦାସ



ଭଙ୍ଗା ଗଢ଼ାର ଦୁନିଆରେ
କେତେ ଯେ କଣ ଭାଙ୍ଗୁଛି
କିଏ ବା ଖବର ରଖୁଚି
ହାତ ଉପରେ ହାତ ଥାପି
ରାତି ରାତି ଅନିଦ୍ରା ରହି
ନିଜତ୍ୱ ଜାହିର କରିବାର
ଅଦମ୍ୟ ପ୍ରୟାସ ଆଜି ବିଷଣ୍ଣ
ଭାଷାହୀନ ଓଠ କିଛି ନ କହିବି
ସବୁ କିଛି କହିବାକୁ ତୟାର
ଦିନ ଯାଇ ରାତି ଆସେ
ଛାଡି ଦେଇଯାଏ କିଛି ଶବ୍ଦର ଜଂଜାଳ
ସମୟକୁ ସାକ୍ଷୀ କରି ଆଗାମୀ ଭବିଷ୍ୟତର
ନିତିଦିନିଆର ବୋଧ ଶକ୍ତି ଯିମିତି

କାକଟସ ରେ ଘେରି ଯାଇଛି
ନିଜ ଛବି ଦେଖି ନିଜକୁ ଚିହ୍ନିବାର
ବୃଥା ଅଭିନୟ କରୁଛି


ପାଳୁସିଆ, ବାଲେଶ୍ୱର-୩୬


## କବିତା

### ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ୍



କେବେଠୁ ଭାଙ୍ଗିଲାଣି କବିତା ର ମୋହ, ଜାଣିନି,
ଅପେକ୍ଷା କରି ଫେରିଲେଣି ବି ଆଠ ଟି ବସନ୍ତ।
ହେଲେ ସେ ଫେରିନି,
କବିତା ଆଉ କଣ କି ?
ଛାତିତଳ ହୁତାଶନ ର ବଳକା ଦରପୋଡ଼ା ଅଙ୍ଗାର,
ଲୁହ ଆଉ କୋହର ସୁସଜ୍ଜିତ ସମାହାର।

କେତେ ରାତିର ନିଦକୁ ଝଟକା ଦେଇ ତାକୁ
ଖୋଜୁଥିବା ବେଳେ,
ସେ ଅଟ୍ଟହାସ୍ୟ କରୁଥାଏ କିନ୍ତୁ ଅପ୍ରକାଶ୍ୟରେ।

ମେ  ।ଏ ଶବ୍ଦଙ୍କୁ କଲମ ମୁନରେ ଆକାର ଦେଉଥିବା ବେଳେ
ସେ ପୁଣି ନିରବି ଯାଏ ଛାତି ଭିତରେ।
ଏଇଠି ଥାଏ ତ ଏଇଠି ନଥାଏ!
କେବେ ସେ ସୃଜନୀ ସାହିତ୍ୟ ତ କେବେ ସେ ଅତୀତ ର ମୂକ ଇତିହାସ।
କେବେ ଆଖି କୋଣୁଁ ଲୁହ ଧାର ସିଏ,
କେବେ ଓଠ ଧାରୁ ଝରି ପଡୁଥିବା ଅକୃତ୍ରିମ ହସ ।

କବିତା ଆଉ କଣ କି ?
ସହର ଟା ଜଳିଯାଏ,
ଅନ୍ଧାର ନୀରବି ଯାଏ,
ଯେବେ ଏଇଠି ଶେଷ ଶେଷ ବୋଲି ଲାଗୁଥାଏ ମନେ,
ସେଇଠୁ ହିଁ ତ ଆରମ୍ଭ ପରେ ଆରମ୍ଭ ଜନ୍ମ ନେଉଥାଏ ।

ତାହା ହିଁ କବିତା, କେତେ ନିଭୃତ ବେଦନାର ଗାଥା।


ସହଦେବଖୁ  ।, ବାଲେଶ୍ୱର-୭୫୬୦୦୧
ମୋ: ୭୭୮୮୯୭୭୨୭୬


## ଖାଇ ଖାଇ

### ଡୁଇଟି ଡେଭିଡ ଫିଲିପ



ଖାଇ ଖାଇ ଫିଙ୍ଗୁ ଥିଲେ,
ଗୋଟେଇ ଗୋଟେଇ ଖାଉଛି,
ଯାହା କରିବାକୁ ଆଜ୍ଞା ଦେଲେ,
ତାହା ଖୁସିରେ ସେ କରୁଛି ।

ମଜବୁର କେତେ, ବିନା ଚେନ ରେ ଗୁଲାମ୍,
ବୋଲ୍ ହାକ ନ ମାନିଲେ କହୁଛି ତାକୁ ହାରାମ୍।

ଭ  । ବ  ।, ରିହାତି ଦିଆ, ସାମାଜିକ ସୁରକ୍ଷା,
ଭୋଟ ନ ଦେଲେ, ବିଦ୍ରୋହ କଲେ ଆମ ନା
ବି ରଖନ୍ତି ସେୟା ।

ଚା ବାଲା, ପ୍ରଧାନ ମନ୍ତ୍ରୀ,
ପେପର ବାଲା, ଦଳିତ, ବିଧବା,
ଆଦିବାସୀ ରାଷ୍ଟ୍ର ପତି,
ଭଲ ଲାଗୁଛି ଶୁଣିବାକୁ ନୀତି,
ଭ  ।, ରିହାତି ଦେଖି,
କୋଟି କୋଟି କରୁଛୁ ଗୁଲାମି ।

ଚାକିରି ଦେଇ ଚାକର ନୀତି,
ସରକାର ଓ କମ୍ପାନୀ,
ସାଂସଦ ଓ ବିଚାରାଳୟ,
ଦିବାଲୋକେ କଣ ଦେଖୁନି,
ଦପ୍ତର, ଚାଷ, ଶିଳ୍ପ,
ଉଦ୍ୟୋଗ, ଖଣି, କାରଖାନା,
ବିନିଯୋଗ ନାହିଁତ,
ସାମ୍ୟ ଅଧିକାର ମନା ।

ଗୁଲାମ ନୁହେଁ ମୁହିଁ,
ଅଧିକାର ମୁଁ ପାଉଛି ।

ଖାଇ ଖାଇ ଫିଙ୍ଗୁ ଥିଲେ,
ଗୋଟେଇ ଗୋଟେଇ ଖାଉଛି,
ଯାହା କରିବାକୁ ଆଜ୍ଞା ଦେଲେ,
ତାହା ଖୁସିରେ ମୁଁ କରୁଛି ।


ଚାଇବାଶା, ଝାଡଖଣ୍ଡ
ମୋ: ୯୪୩୭୧୦୪୩୦୩


## ଜୀବନ ସୌଦାଗର

### ଦେବାଶିଷ ସିଂହ

ଜନ ଶୂନ୍ୟ ଇଲାକାରେ
ଶୂନ୍ ଶାନ୍ ରାସ୍ତାରେ
ଜୀବନ ହାଟ ରୁ ଅନତି ଦୂରରେ
ପଥ ଖୋଜି ଖୋଜି ଆଜି ବନାନୀରେ ...

ତୃଷା  କ୍ଳାନ୍ତ ଶରୀର କ୍ଷୁଧା ଅପେକ୍ଷାରେ
ପର୍ଯ୍ୟାପ୍ତ ବେଦନା ଶାନ୍ତି ପ୍ରତୀକ୍ଷାରେ
ଘୋର ଅରଣ୍ୟ ର ସବୁଜିମା ଭିତରେ
ଭିନ୍ନ ବତାବରଣ ପାହାଡ଼ ପର୍ବତ ଗୁମ୍ଫାରେ

ପବନ ବୋହୁଛି ଝରଣା ଗାଉଛି ଗୀତ
କୋକିଳର ସୁମଧୁର କୁହୁକୁହୁ ତାନ
ବଣ ମଲ୍ଲୀର ମହକ ମହ ମହ ସୁବାସ
ତନୁ ମନେ ଭରିଛି ଶାନ୍ତି ଅଶେଷ ...

ପୁଚ୍ଛ ମେଲାଇ କରୁଛି ମୟୂର ନୃତ୍ୟ
ବିଭିନ୍ନ ପକ୍ଷୀଙ୍କ କଳରବ ଦେଉଛି ଆଘାତ
ସତେ ଯେମିତି ଏଠି ଚାଲିଛି ବିହଙ୍ଗ
ବିପ୍ଳବ.....

କଥା କୁହା ମଣିଷ ସମାଜ ରେ ହୁଏ ବିପ୍ଳବ
ହୁଏ ସଂଗ୍ରାମ ଧ୍ୱଂସ କରିବାର ପ୍ରୟାସ
ସବୁଜ ଶାଢ଼ୀ ପିନ୍ଧିଛି ବନାନୀ
ଦିଶୁଛି ଅପରୂପ ଲାବଣ୍ୟ ମୟୀ ।

ଅତ୍ୟନ୍ତ ଆକର୍ଷଣୀୟ ମନ ଏଇ ବନାନୀର
ମନୋମୁଗ୍ଧକର ହୃଦୟ ଭିତରେ
ସାଇ ତି ରଖିଛି କେତେ କଣ
କିଚିରି ମିଚୀରି ହୋଇପାରେ ଭାଷାର
ଉଚ୍ଚାରଣ...

ବିହଙ୍ଗ ବିପ୍ଳବ ନୁହଁ ସଂଗ୍ରାମ ର ସ୍ୱର
ଜୀବନ ସଉଦା ପାଇଁ କେତେ ଅଭିନୟ
ଜୀବନ ହାଟରେ ମୃତ୍ୟୁ ର ଭୟ
ଜୀବନ ସଉଦାଗର ଟିକେ ବି ନାହିଁ ଭୟ ।

ଖୋଲି ଦିଏ ଅଭିନୟ ପରଦା ଜୀବନ ସଉଦା
ଉନ୍ମୁକ୍ତ ଖୋଲା ଦରଜା ଆଲୋକ ବ  କା
ଜୀବନ ସଉଦା ହୋଇପାରେ ସମାଜର
ଚାହିଦା
ଜୀବନ ସଉଦା କିନ୍ତୁ ଲାଗେ ଫିକା ଫିକା
ଦେଖି ବନାନୀ ର ସବୁଜିମା ।......


ବାଲେଶ୍ୱର
ମୋ: ୯୦୪୦୪୬୬୬୭୫


## ନିବେଦନ

### ଶରତ ଦାଶ

ମନ ଯା ଚାହେଁ କରି କି ହୁଏ
ଯେତେ କାନ୍ଦିଲେ ଆଖି
ହୃଦୟ କରେ ବିଳାପ ଯେବେ
ବାହୁନେ ପ୍ରାଣପକ୍ଷୀ ।।
ଜୀବନ ସଖୀ ନୁହେଁ ଜୀବନ
ତୋର ପ୍ରଣୟ ବିନା
ଜିଇବା ରହି ଦୂରରେ ତୋର
ବିରାଟ ବିଡମ୍ବନା ।।
ଆଲୋକ ଯେବେ ହୋଇଲା କ୍ଷୀଣ
ସୂରୁଜ ଗଲେ ଢଳି
ସନ୍ଧ୍ୟା ନଇଁ ଆସିଲା ରାତ୍ରି
ଅନ୍ଧକାର ଧରି ।।
ଆସିଲୁ ତୁହି ପ୍ରଦୀପ ନେଇ
ଦେଖାଇବାକୁ ବାଟ
ଚହଲିଗଲା ପ୍ରୀତିପସରା
ମିଳିଲା କଳ୍ପବଟ ।।
କଳ୍ପନାରେ ଲାଗିଲା ଡେଣା
ଉଡ଼ିଲା ନୀଳ ନଭେ
ପ୍ରାଣପାଦପ ସବୁଜ ପତ୍ର
ମେଲିଲା ପ୍ରେମଭାବେ ।।
ପ୍ରୀତିବିହୀନ ଜୀବନ ସଖୀ
ଜୀବନେ ନୁହେଁ ଗଣା
ତୋର ବିହୁନେ ସବୁ ଥାଇ ବି
ଶୂନ୍ୟ ମୋର ଠଣା ।।
ମୋହନ ପାଶେ ଏତିକି ମୋର
ଆକୁଳ ନିବେଦନ
ସବୁ ଜନ୍ମରେ ପାଇବି ତୋର
ଅମୂଲ୍ୟ ପ୍ରେମଧନ ।।


ଭୁବନେଶ୍ୱର


## ଆଡଚାହାଣୀ

### ଅନୀତା ପାଣି



ଘର ମୁହାଁ ହେଲେ ବଳିଆ ଠାକୁର
ଶେଷ କରି ରଥଯାତ,
ଧୀର ପହଣ୍ଡିରେ ମନ୍ଦିର ଆଡକୁ
ଆସିବା ଦେଖନ୍ତି ମାତ।
ଦେଢଶୁର ବୋଲି ଆଗକୁ ନ ଆସି
ମନରେ ହେଲେ ସଜାଗ,
ମଥାର ଓଢଣା ଟାଣିଲେ ନାକକୁ
ତଥାପି ଭିତରେ ରାଗ ।

ହଳଦିଆ ମୁଖି ରଥ ଓହ୍ଲା ଦେଖି
କମଳା ମୋଡିଲେ ମୁହଁ,
ଭାଇ ପରି ଏଇ ସୁଭଦ୍ରା ନଣଦ
ପଚାରି ଥିଲା କି କୁହ ?
ଆଜି ପୁଣି ମୋର ମନ୍ଦିରେ କେମିତି
ରହିବାକୁ ଆସେ ମାଡି,
ନାରୀ ହୋଇ ଥରେ ମନ କଥା ମୋର
ନ ଜାଣି ସେ ଗଲା ଛାଡି ।

ହଲି ଝୁଲି ଯେବେ ଆସନ୍ତି କାଳିଆ
ନାଚି ନାଚି ପହଣ୍ଡିରେ,
ମାଆଙ୍କ ହୃଦୟ କରତି ହୋଇଲା
ଛାଡିବେନି ସହଜରେ।
ଅ  ।ରେ ଭିଡିଲେ ପଣତ କାନିକୁ
ଆଖିରେ ଆକ୍ରୋଶ ନିଆଁ,
ନ କହି କୁଆଡେ ଯାଇଥିଲ ଏବେ
ବିଳମ୍ବିତେ ଫେର କିଆଁ ?

ରାସ କରୁଥିଲ ଗୋପଗୋପୀ ଧରି
ପାଶୋରିଲ ନବବଧୂ,
ନୀଳାଦ୍ରିକୁ ଆଉ ମନ ବଳାଅନା
ଫେରିଯାଅ କୃପାସିନ୍ଧୁ ।


ସାଉଥ୍ ବଲଣ୍ଡା, ତାଳଚେର, ଅନୁଗୋଳ
ମୋ: ୮୩୨୭୭୦୫୯୭୦




## ତୁମେ...

### ଜିନାତମାମ୍ ଦର୍ଜୀ

ତୁମେ ଅହରହ ମୋ ନିଶ୍ୱାସରେ ଘନାଉ ଥାଅ
କଳା ତୁଳସୀର ଗହନ ବାସ୍ନାଟେ ହୋଇ
ମୋ ଅଳସଛଡା ସକାଳରେ ତୁମେ
ଶୁଭ ସକାଳର ଶୁଭେଚ୍ଛା ଆଙ୍କ
କପାଳ ରେ ପୋରୁହା ଚୁମ୍ବନ ଥୋଇ

ମୁଁ ମିଶ୍ରିତ ରଙ୍ଗର ହାଲ୍କା ପରଷ
ଛବିଳ ଚିତ୍ରର ଭ୍ରମ,
ତୁମେ ଅଭିଜ୍ଞ ତୁଳୀ ଟେ ଗୋ ସାଥି
କୁହୁକ ସ୍ୱର୍ଶର କ୍ରମ,

ଲଳିତ ରାଗର ଯେଉଁ ମୁଖଡ଼ା ମୁଁ
ତୁମେ ତାର ଶ୍ରେଷ୍ଠ ଅନ୍ତରା
 ଯେଉଁ ମୂର୍ଚ୍ଛିତ ବେଳାରେ ଲଭୁଥାଏ ଅମୃତ
ସୁଖ
 ତୁମେ ସେଇ ମୁଗ୍ଧ ତନ୍ଦ୍ରା
ମୁଁ ମୁକ୍ତ ଛନ୍ଦି କବିତା ଧାଡ଼ି,
ତୁମେ ତାର
ଭାବ,
ଅର୍ଥ,
ଲାଳିତ୍ୟ.....
ମୋ ଆତ୍ମା କେନ୍ଦ୍ର ରେ ଆଦ୍ୟ ଓଂକାର,
ଜୀବନର ପ୍ରାଣ ତତ୍ୱ.....

ସୁଖ ବୋଲି ଯାହା ନିତି ଭୋଗୁଥାଏ
ତୁମରି ମହାପ୍ରସାଦର ଦାନ,
ମୋ ଇପ୍ସିତ ଈଶ୍ୱର ହେ!!
ମୁଁ ସମର୍ପିତ ତୁଳସୀ,
ତୁମେ ମୋ ଗୌରବର କାରଣ.....


ମୋ: ୮୦୧୮୮୦୭୧୫୩


## ସୁନୀଳ ଆକାଶେ ଆଜି..

### ଶ୍ରୀ ସତ୍ୟବ୍ରତ ସାହୁ



ସୁନୀଳ ଆକାଶେ ଆଜି ମେଳା ମେଳା କଳା ଧଳା ବଉଦର ହାଟ,
ସମୀରକୁ ସାଥି କରି ଶ୍ରାବଣୀ କନ୍ୟା ଅମ୍ବରେ ଲଗାଇଛି ନାଟ ।

ଧରଣୀକୁ ଭଲପାଏ ଆକାଶ ଦେଇଛି କହି
ରୁକ୍ଷ ରୂପ ଦେଖି ତାର ମମତା ଜାଗେ ତା' ପାଇଁ
କମିବ ପ୍ରେୟସୀ ତାତି ଧରିଛି ଆକାଶ ତେଣୁ ମଉସୁମୀ ହାତ ।
ସୁନୀଳ ଆକାଶେ ଆଜି...

ହସିବ ଜନ, ବିପିନ ପାଇ ତାର ପ୍ରୀତି ବାରି
ବର୍ଷା ରୂପେ ପ୍ରିୟା ବୁକେ ଶରଧାରେ ଦିଏ ଝାରି
ପ୍ରିୟା-ପ୍ରିୟ ମନବୁଝି ପ୍ରକୃତି ବି ଋତୁ ଆଣି ଫିଟାଇଛି ବାଟ ।
ସୁନୀଳ ଆକାଶେ ଆଜି...

ସୁନୀଳ ଆକାଶେ ଆଜି ମେଳା ମେଳା କଳା ଧଳା ବଉଦର ହାଟ,
ସମୀରକୁ ସାଥି କରି ଶ୍ରାବଣୀ କନ୍ୟା ଅମ୍ବରେ ଲଗାଇଛି ନାଟ ।


ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯


## ତୋ ପୀରତି ବିନା

### ଜୟନ୍ତ କୁମାର ମଲ୍ଲିକ୍



ମୋ ପ୍ରେମ ଖାତାର ସାଧା କାଗଜ ତୁ
ମୁଁ ଯେ କଳପନା ତୁଳୀ-
ଲେଖିଲେଖି ମୁଁ ଯେ
ହେଲିଣି ହାଲିଆ ସରିଗଲାଣି ବି କାଳି,
ରାତି ବିତିଅଛି ସପନ ତୁଟିଛି
ହଜିଛି ତୋ ପାଇଁ ନିଦ-
ବିରହ ଜ୍ୱାଳାରେ ହୋଇ ଛଟପଟ
କରେ ଖାଲି ଆ  ନାଦ,
ତୋ ଗୁଣ ବଖାଣି ପାରୁନି ମୁଁ ଲେଖି
କବିତା ଟିଏ ମୁଁ ଆଜି-
ମନ ଆକାଶରେ ଚାନ୍ଦଟିଏ ହୋଇ
ରହିଅଛୁ ତୁହି ସାଜି,
ଆଶା ଉପବନେ ତୁଯେ ବନମଲ୍ଲୀ
ମହକ ତୋ ଅନୁପମ-
ତୁହି ଅଟୁ ମୋର ସପନର ରାଣୀ
ଅପାଶୋରା ତୋର ପ୍ରେମ,
ଗୋଲାପି ଗୋଲାପି ଅଧରେ ତୋ ସାଜେ
ସାଧବ ବୋହୂର ହସ-
ତୋ ପୀରତି ବିନା ଜୀବନରେ ମୋର
ରହିଯିବ ଅବସୋସ ।


ଶୂରଡ଼ିହ,ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭

# ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଏକ ବିଶେଷ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗୋଟିଏ ଦିନରେ ଏକାକାଳୀନ ଜାତୀୟ ରାଜପଥର ଚାରୋଟି ସ୍ଥାନରେ ପ୍ରାୟ ୧୦୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଛି । ଏ ପ୍ରକାର ଅଭିଯାନ ରାଷ୍ଟ୍ରବ୍ୟାପୀ ୧୦୦ଟି ଭିନ୍ନଭିନ୍ନ ସ୍ଥାନରେ ସଂଗଠିତ ହେଉଛି । ଓଡିଶାର ବ୍ରାହ୍ମଣୀ ବାଏପାସର ରାଜାମୁଣ୍ଡା, ଟାଙ୍ଗି-ଭୁବନେଶ୍ୱର, ବାହାରଗୋଡା-ସିଙ୍ଗେଡା ଏବଂ ତେଲେଇବଣୀ-ସମ୍ବଲପୁର ଅଂଚଳରେ ଅନୁଷ୍ଠିତ ଏହି ମେଗା କାର୍ଯ୍ୟକ୍ରମରେ ଜାତୀୟ ରାଜପଥ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀର ଅଧିକାରୀଙ୍କ ସମେତ ସ୍ଥାନୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମ୍ବନ୍ଧିତ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହା ବ୍ୟତୀତ ପିଆଇୟୁ-କେନ୍ଦୁଝର ଏବଂ ଭୁବନେଶ୍ୱରରେ ମଧ୍ୟ ସିଙ୍ଗେଡା-ବିଂଝାବାହଲ, ପାଣିକୋଇଲି-ରିମୁଳି ଏବଂ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ସ୍ଥାନୀୟ ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସେମାନଙ୍କର ସାମାଜିକ, ବ୍ୟକ୍ତିଗତ ଓ ବୌଦ୍ଧିକ ବିକାଶର ଉନ୍ନତି ପାଇଁ ଏହି ସଚେତନତାଧର୍ମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପ୍ରେରିତ କରାଯାଇଥିଲା । ଏଥିସହ ସ୍ଥାନୀୟ ଲୋକମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇ ଚାରାରୋପଣରେ ପରସ୍ପରକୁ ସାହାଯ୍ୟ କରିଥିଲେ । ଏନ୍‌ଏଚଏଆଇର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉଭୟ ସଡ଼କ ପାର୍ଶ୍ୱ ଏବଂ ମଧ୍ୟବର୍ତ୍ତୀ ସ୍ଥାନ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରଦୂଷଣ, ମୃତ୍ତିକା ଅବକ୍ଷୟ, ବିଶ୍ୱ ତାପନ ହ୍ରାସ ସହ ଜାତୀୟ ରାଜପଥ କଡ଼ରେ ପ୍ରକୃତିର ସୁନ୍ଦରତା ଓ ସନ୍ତୁଳନକୁ ବଜାୟ ରଖିବା । ବୃକ୍ଷଗୁଡ଼ିକ ମଧ୍ୟ ଯାନବାହନରୁ ନିର୍ଗତ ବିଷାକ୍ତ ଧୂଆଁ ଓ ଧୂଳିକୁ ଅବଶୋଷଣ କରିବା ସହ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବେ । ଲିମ୍ବ, ମହାଲିମ୍ବ, ଆଲଷ୍ଟୋନିଆ, ଟର୍ମିନାଲିଆ, ଲ୍ୟାଗରଷ୍ଟ୍ରୋମିଆ ଇତ୍ୟାଦି ଜାତୀୟ ଦୀର୍ଘ ଏବଂ ହୃଷ୍ଟପୃଷ୍ଟ ଚାରାଗୁଡ଼ିକ ଶବ୍ଦରୋଧୀ ଏବଂ ରାସ୍ତାରୁ ଧୂଳି ଅବଶୋଷଣକାରୀ ଭାବେ କାମ କରିଥାନ୍ତି । ମଧ୍ୟମ ପ୍ରଜାତିର ଚାରା ଯଥା ବୌଗେନଭିଲେଆ, ସିଜେଲପିନିଆ ଓ ଟେକୋମା ରାତିରେ ବିପରିତ ଦିଗରୁ ଆସୁଥିବା ଅତ୍ୟୁଜ୍ଜ୍ୱଳ ଆଲୋକକୁ ଅବରୋଧ କରିବା ସହ ଯାତ୍ରୀମାନଙ୍କୁ ସୁନ୍ଦର ଦୃଶ୍ୟ ପ୍ରଦାନ କରିଥାନ୍ତି । ଏହି ଦିନିକିଆ କାର୍ଯ୍ୟକ୍ରମ ଅପରାହ୍ଣ ୪ଟା ସୁଦ୍ଧା ଶେଷ ହୋଇଥିଲା । ତେବେ ବାର୍ଷିକ ବୃକ୍ଷରୋପଣ କ୍ରିୟା ଯୋଜନା ୨୦୨୨-୨୩ର କାର୍ଯ୍ୟନ୍ୱୟନ ଦେଶର ବିଭିନ୍ନ ସ୍ଥାନରେ ଚଳିତ ବର୍ଷ ମୌସୁମୀ ଶେଷ ପର୍ଯ୍ୟନ୍ତ ଜାରୀ ରହିବ । ଏନ୍‌ଏଚ୍‌ଏଆଇ ଓଡ଼ିଶାରେ ଚଳିତ ବିତ୍ତୀୟ ବର୍ଷ ୨୦୨୨-୨୩ରେ ଉଭୟ ମାର୍ଗରେ ତଥା ମଧ୍ୟାଂଚଳରେ ୩,୩୨,୧୦୦ ଟି ଚାରା ଲଗାଯିବାରକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା, ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧,୨୫,୦୦୦ଟି ଚାରା ଏହି ବୃହତ୍ ଅଭିଯାନରେ ରୋପଣ କରାଯାଇଥିବା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ମୁଖ୍ୟ ମହାପ୍ରବନ୍ଧକ ତଥା ଆଂଚଳିକ ଅଧିକାରୀ, ଓଡିଶା, ଡଃ ରାମ ପ୍ରସାଦ ପଣ୍ଡାଙ୍କଠାରୁ ପ୍ରକାଶ । ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ ଓଡ଼ିଶାରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବିଗତ ଦୁଇ ବିତ୍ତୀୟ ବର୍ଷ ଯଥା ୨୦୨୦-୨୧ ଓ ୨୦୨୧-୨୨ରେ ଯଥାକ୍ରମେ ୧,୯୨,୬୧୧ ଏବଂ ୩,୭୮,୦୦୦ଟି ଚାରା ରୋପଣ କରାଯାଇଛି ।

# ଗଲ୍ଫ ଓଡ଼ିଆ ଆସୋସିଏସନର ପଞ୍ଚମ ବାର୍ଷିକ ଉତ୍ସବ ପାଳନ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଗଲ୍ଫ ଓଡ଼ିଆ ଆସୋସିଏସନ (ଗଓଆ) ର ପଞ୍ଚମ ବାର୍ଷିକ ଉତ୍ସବ ଭୁବନେଶ୍ୱର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଗଓଆ ତରଫରୁ ଭୁବନେଶ୍ୱରଠାରେ ଏକ ବିଶାଳ ମହୋତ୍ସବର ଆୟୋଜନ କରାଯାଇଥିଲା । ଏହି ସମାବେଶରେ ମଧ୍ୟପ୍ରାଚ୍ୟସ୍ଥିତ ସାଉଦି ଆରବ, କାତାର, ଓମାନ, କୁଏତ, ବାହାରିନ, ୟୁଏଇ ଏବଂ ଆବୁଧାବିରେ ଅବସ୍ଥାପିତ ଶତାଧିକ ଗଓଆର ପ୍ରବାସୀ ଓଡ଼ିଆ ସଦସ୍ୟ ସେମାନଙ୍କର ପରିବାରବର୍ଗଙ୍କ ସହିତ ଆସି ଯୋଗ ଦେଇଥିଲେ । ବିଶେଷକରି କରୋନା ବାଧକତା ଯୋଗୁଁ ଦୀର୍ଘ ତିନି ବର୍ଷର ବ୍ୟବଧାନ ପରେ ବାସ୍ତବ ଢଙ୍ଗରେ ବାର୍ଷିକ ଉତ୍ସବ ମନାଯାଉଥିବାରୁ ଗଓଆର ସଦସ୍ୟ ଓ ଶୁଭେଚ୍ଛୁ ମାନଙ୍କ ମଧ୍ୟରେ ଅଫୁରନ୍ତ ଆନନ୍ଦ, ଅଦମ୍ୟ ଉତ୍ସାହ, ଅନନ୍ୟ ଉଲ୍ଲାସ ଏବଂ ଅବିସ୍ମରଣୀୟ ଉନ୍ମାଦନା ଦେଖିବାକୁ ମିଳିଥିଲା । ଆମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । ପ୍ରାରମ୍ଭରେ ଗଓଆର ବରିଷ୍ଠ ସଦସ୍ୟ ବିଦ୍ୟା ଭୂଷଣ ମହାନ୍ତି ଆଗନ୍ତୁକ ପ୍ରତିନିଧି ମାନଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଯାଇଥିଲେ । ସମାବେଶକୁ ସମ୍ବୋଧନ କରି ଗଲ୍ଫ ଓଡ଼ିଆ ସମାଜର ସଭାପତି ଅଜୟ କୁମାର ଦାସ, ମାତୃ ପ୍ରଦେଶ ଓଡ଼ିଶାର ସାମଗ୍ରିକ ବିକାଶ ନେଇ ଗଓଆର ମହତ୍ ଉଦ୍ଦେଶ୍ୟ ଓ ସ୍ଥିରିକୃତ ଭବିଷ୍ୟତ ମାର୍ଗପନ୍ଥା ସଂପର୍କରେ ସୂଚନା ଦେଇଥିଲେ । 'ସେବା ହିଁ ସର୍ବୋପରି' ଶୀର୍ଷକ ଲକ୍ଷ୍ୟକୁ ଆଧାରକରି ଗଓଆ ଗତ ପାଞ୍ଚ ବର୍ଷ ଧରି ମଧ୍ୟପ୍ରାଚ୍ୟର ରାଷ୍ଟ୍ର ଗୁଡିକରେ ଓଡ଼ିଶାର ମହାନ ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିଆସୁଥିବା ସେ ଦର୍ଶାଇଥିଲେ । ଗଓଆର ବିଭିନ୍ନ କାର୍ଯ୍ୟକ୍ରମରେ ସଦାସର୍ବଦା ଆକୁଣ୍ଠ ସମର୍ଥନ ଯୋଗାଇ ଆସୁଥିବାରୁ ଶ୍ରୀ ଦାସ ସାଇ ଆଶୀର୍ବାଦ ଇନଫ୍ରାଟେକ୍ ର ପରିଚାଳନା ନିର୍ଦ୍ଦେଶକ ସୁବୋଧ କୁମାର ରାଉତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ସଭାରେ ଭାଷଣ ପ୍ରଦାନ କରି ମୁଖ୍ୟ ଅତିଥି ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଗଲ୍ଫ ଇଲାକାରେ ବ୍ରାଣ୍ଡ ଓଡ଼ିଶାକୁ ଲୋକପ୍ରିୟ କରିବାରେ ଗଓଆର ସାଧୁଉଦ୍ୟମକୁ ଭୂରୀଭୂରୀ ପ୍ରଶଂସା କରିଥିଲେ । ମୁଖ୍ୟତଃ କୋଭିଡ୍ କାଳରେ ଓଡ଼ିଶାର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିମଳ କ୍ଷେତ୍ରରେ ସହାୟତା ଯୋଗାଇ ଦେବା ନେଇ ସଭାପତି ଅଜୟ କୁମାର ଦାସଙ୍କର ସକ୍ରୀୟ ନେତୃତ୍ୱରେ ଗଓଆ ଟିମର ଉଲ୍ଲେଖନୀୟ ଯୋଗଦାନର ଶ୍ରୀ ଦ୍ୱିବେଦୀ ସ୍ତୁତି ଗାନ କରିଥିଲେ । ନିଜର ଅଲୌକିକ ହାସ୍ୟରସ ପ୍ରତିଭା ଓ ପ୍ରତ୍ୟୁତ୍ପନ୍ନମତିତାର ଯାଦୁଗରି ପ୍ରଦର୍ଶନ ପୂର୍ବକ ସମ୍ମାନନୀୟ ଅତିଥି ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା ତାଙ୍କର ବକ୍ତବ୍ୟ ଦ୍ୱାରା ଉପସ୍ଥିତ ଦର୍ଶକ ମାନଙ୍କର ବେଶ୍ ମନୋରଞ୍ଜନ କରିଥିଲେ । ଗଓଆର ସମ୍ପାଦକ ପ୍ୟାରୀ ମୋହନ ମଲ୍ଲିକ ଏକ ପାୱାର ପଏଣ୍ଟ ଉପସ୍ଥାପନ ଜରିଆରେ ସଂଘର ବହୁବିଧ ସାମାଜିକ ସେବା କାର୍ଯ୍ୟ ସଂକ୍ରାନ୍ତରେ ବିବରଣୀ ପ୍ରଦାନ କରିଥିଲେ । ଇଜି ବ୍ୟାଙ୍କ ଲୋନ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ସହଜ ଓ ସରଳ ଉପାୟରେ ବ୍ୟାଙ୍କ ଋଣ ପ୍ରାପ୍ତ କରିବାର ସୁତ୍ରାବଳୀ ଉପରେ ଆଲୋକପାତ କରିଥିଲେ । ଆଇସିଆଇ ବ୍ୟାଙ୍କର ପ୍ରତିନିଧି ମଣ୍ଡଳ ଯଥା ଓଡ଼ିଶା ଜୋନର ମୁଖ୍ୟ ପ୍ରଦୋଷ ରାଉତ, ଆନ୍ତର୍ଜାତିକ ବ୍ୟାପାରର ଦାୟିତ୍ୱାଧିକାରୀ ରମଣଦୀପ ସିଂହ ଏବଂ ମାର୍କେଟିଂ ମ୍ୟାନେଜର ରାଜେଶ ପଟ୍ଟନାୟକ ପ୍ରମୁଖଙ୍କୁ ଗଓଆକୁ ବ୍ୟାଙ୍କ୍ ନିରବିଚ୍ଛିନ୍ନ ଭାବେ ସାହାଯ୍ୟ କରି ଆସୁଥିବାରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଗଓଆର ବାର୍ଷିକ ସମାରୋହ ପାଳନ ଅବସରରେ ଓଡ଼ିଶାର ସଂସ୍କୃତି ଜଗତର ମହାନ ତାରକା ମାନଙ୍କୁ ନେଇ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଉତ୍କଳ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଉତ୍କଳ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଡାକ୍ତର ଆଲୋକ ଲୋଧ ନିଲମ୍ବିତ ହୋଇଛନ୍ତି । । ଉତ୍କଳ ହସ୍ପିଟାଲର ଓପିଡି ମ୍ୟାନେଜର ନିଯୁକ୍ତି ବିଜ୍ଞାପନରେ କେବଳ ଅଣଓଡ଼ିଆ ପ୍ରାର୍ଥୀ ଆବେଦନ କରିପାରିବେ ବୋଲି ହସ୍ପିଟାଲ ସିଇଓ ଲେଖିବା ପରେ ବିରୋଧ କାରଣରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଠାରେ ଉଲ୍ଲଖ କରାଯାଇ ପାରେ ଯେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଆଲୋକ ଲୋଧ ଟ୍ୱିଟର୍‌ରେ କରିଥିବା ପୋଷ୍ଟରେ ଲେଖିଥିଲେ ଯେ ଉତ୍କଳ ହସ୍ପିଟାଲ୍ ପାଇଁ ଜଣେ ଓପିଡି ମ୍ୟାନେଜରଙ୍କ ଆବଶ୍ୟକତା ରହିଛି । କୌଣସି କର୍ପୋରେଟ୍ ହସ୍ପିଟାଲରେ ୫ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ଥିବା ବ୍ୟକ୍ତି ଏଥିପାଇଁ ଆବେଦନ କରିପାରିବେ । ତେବେ ସେ ସ୍ପଷ୍ଟ କରିଥିଲେ ଯେ ଆବେଦନକାରୀ ଅଣଓଡ଼ିଆ ଅର୍ଥାତ୍ ଓଡ଼ିଶା ବାହାରର ହୋଇଥିବା ଦରକାର । ତାଙ୍କର ଏହି ପୋଷ୍ଟକୁ ନେଇ ପ୍ରବଳ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏହା ପରେ ବିରୋଧ କାରଣରୁ ସେ କ୍ଷମାପ୍ରାର୍ଥନା କରିଥିଲେ । ଏହା ପରେ ତାଙ୍କୁ ନିଲମ୍ବିତ କରାଯାଇଛି ।

# ରାଜ୍ୟ ଆତ୍ମା କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ରାଜ୍ୟ ଆତ୍ମା କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ଅଧିବେଶନ ଭୁବନେଶ୍ୱରସ୍ଥିତ ରେଳ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମହୋଦୟ ଓଡ଼ିଶା ସରକାର, ସମ୍ମାନନୀୟ ଅତିଥି ଭାବେ ଇମେଜର ଅବସରପ୍ରାପ୍ତ ନିର୍ଦ୍ଦେଶକ ସତ୍ୟ ନାରାୟଣ ମିଶ୍ର ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୩୦ଗୋଟି ଜିଲ୍ଲାର ୩୧୪ ବ୍ଲକରେ କାର୍ଯ୍ୟରତ ୧୧୧୪ ସଭ୍ୟ ଓ ସଭ୍ୟା ଅଂଶଗ୍ରହଣ କରିଥିଲେ ।

କାର୍ଯ୍ୟ ସମାପନ ପରେ ଦୀର୍ଘ ୧୦ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଆନୁଷ୍ଠାନିକ ଭାବରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ସଭାପତି ସୌମ୍ୟରଞ୍ଜନ ସାହୁ ସମସ୍ତଙ୍କୁ ସ୍ୱାଗତ କରି ନିଜ ଅଭିଭାଷଣରେ ଆତ୍ମା ଏକ କୃଷି ଓ ଅନୁସଙ୍ଗୀକ, କୃଷିର ମିଳନ ଓ ଏହାକୁ ସରକାର କୃଷକମାନଙ୍କ ହିତ ପାଇଁ କର୍ମଚାରୀ ମାନଙ୍କ ସମସ୍ୟା ଦୂର କରିବା ପାଇଁ କହିଥିଲେ । ସତ୍ୟ ନାରାୟଣ ମିଶ୍ର ନିଜ ଅଭିଭାଷଣରେ କହିଥିଲେ ଯେ, ଆତ୍ମା ଏକ ସରକାରଙ୍କ ସମ୍ପ୍ରସାରଣ କାର୍ଯ୍ୟକ୍ରମ । ଆମେ ଧାନଚାଷରେ ସ୍ୱାବଲମ୍ବୀ । ମାତ୍ର ଡ଼ାଲି ଓ ତୈଳରେ ପଛୁଆ ଅଛେ । ତେଣୁ ସରକାର ଏହି ଅନୁଭୂତି ସମ୍ପନ୍ନ କର୍ମଚାରୀଙ୍କ ସମସ୍ୟା ଦୂର କରିବା ସହ ରାଜ୍ୟରେ ଫାଙ୍କା ପଡ଼ିଥିବା ପଦବୀକୁ ଏହା ଦ୍ୱାରା ସମ୍ପନ୍ନ କରିପାରିବେ ଓ ସମସ୍ତ କର୍ମଚାରୀ ଚାଷୀର ଆୟ ବୃଦ୍ଧିରେ ସାହାଯ୍ୟ କରିବା ସହ ବ୍ଲକରେ ପଡ଼ି ରହିଥିବା ଅର୍ଥ ଶୀଘ୍ର ଖର୍ଚ୍ଚ କଲେ କେନ୍ଦ୍ର ଅଧିକ ଅର୍ଥ ପ୍ରଦାନ କରିପାରିବ, ସେଥିପାଇଁ ସରକାର ଚିନ୍ତା କରିବା ଆବଶ୍ୟକ । ବରିଷ୍ଠ ସାମ୍ବାଦିକ ରବି ଦାସ ମହୋଦୟ ନିଜ ଅଭିଭାଷଣରେ କହିଥିଲେ କି, ସରକାର କଂଟ୍ରାକ୍‌ଚୁଆଲ ପଦବୀକୁ ବନ୍ଦ କରିବା ଉଚିତ୍ ଓ ଯେଉଁମାନେ ୧୦ ବର୍ଷ କାର୍ଯ୍ୟ କରିଛନ୍ତି, ସେମାନଙ୍କୁ ସ୍ଥାୟୀ କରିବା ଉଚିତ୍ । ସମସ୍ତ ଆତ୍ମା କର୍ମଚାରୀ ଗ୍ରାମାଂଚଳରେ କୃଷକମାନଙ୍କୁ ସାହାଯ୍ୟ କରନ୍ତି । କୃଷକମାନେ ସରକାରଙ୍କୁ କହିବେ ଯେ, ଏମାନେ ଭଲ କର୍ମଚାରୀ । ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, କୃଷି ଓ କୃଷକ ପାଇଁ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସବୁବେଳେ ଚେଷ୍ଟିତ । କୃଷିର ବିକାଶ ପାଇଁ ବହୁ ଯୋଜନା କରୁଛନ୍ତି । ତେଣୁ ସଂଘର ସମସ୍ୟା ସେ କୃଷିମନ୍ତ୍ରୀଙ୍କୁ ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଚେଷ୍ଟା କରିବେ । ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବେଉରା ସଂଗଠନକୁ ସୁଦୃଢ କରିବାକୁ କହିଥିଲେ । ଓଡ଼ିଶା ହାଇକୋର୍ଟର ଯୁବ ଆଇନଜୀବୀ ଦେବଦତ ମହାନ୍ତି ସମସ୍ତେ ସଂଘ ସହ ସୁଦୃଢ ହୋଇ ରୁହନ୍ତୁ । ଆଇନ୍‌ର ଉର୍ଦ୍ଧ୍ୱରେ କେହି ନାହାଁନ୍ତି । ଆପଣ ୧୦ ବର୍ଷ ଧରି କାର୍ଯ୍ୟ କରିଛନ୍ତି ତେଣୁ ଆପଣ ନିଶ୍ଚିତ ସଫଳତା ହାସଲ କରିବେ । ଉପସଭାପତି ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉମାକାନ୍ତ ଦଳାଇ, ମାସ ମିଡ଼ିଆ ଓ ମଂଚ ପରିଚାଳନା କରିଥିଲେ । ସଂଘର ସମସ୍ତ ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକର୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ସହ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଗତ ୨୪ ଘଣ୍ଟା ମଧ୍ୟରେ ୮୧୬ କରୋନା ପଜିଟିଭ ଚିହ୍ନଟ: ୧୧୮ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଗତକାଲି ତୁଳନାରେ ଆଜି ରାଜ୍ୟରେ ପୁଣି ଦୈନିକ କରୋନା ସଂକ୍ରମଣ ହ୍ରାସ ପାଇଛି । ଗତକାଲି ୮୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୧୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୭୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୩୯ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୧୮ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୮ଟି ଜିଲ୍ଲାରୁ ୮୭୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୧୮ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭, ବାଲେଶ୍ୱର ଜିଲ୍ଲାରୁ ୧୩ ଜଣ, ବରଗଡ଼ରୁ ୭ ଜଣ, ଭଦ୍ରକରୁ ୮ ଜଣ, ବଲାଙ୍ଗୀରରୁ ୧୦ ଜଣ, ବୌଦ୍ଧରୁ ୧୧ ଜଣ, କଟକରୁ ୭୮ ଜଣ, ଦେବଗଡ଼ରୁ ୫ ଜଣ, ଢେଙ୍କାନାଳରୁ ୬ ଜଣ, ଗଜପତିରୁ ୯ ଜଣ, ଜଗତସିଂହପୁରରୁ ୧୩ ଜଣ, ଯାଜପୁରରୁ ୨୬ ଜଣ, ଝାରସୁଗୁଡ଼ାରୁ ୧୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୨ ଜଣ, କନ୍ଧମାଳରୁ ୭ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୩ ଜଣ, କେନ୍ଦୁଝରରୁ ୭ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨୧୮, କୋରାପୁଟ ଜିଲ୍ଲାରୁ ୩ ଜଣ, ମୟୂରଭଞ୍ଜରୁ ୨୯ ଜଣ, ନବରଙ୍ଗପୁରରୁ ୭ ଜଣ, ନୟାଗଡ଼ ଜିଲ୍ଲାରୁ ୨୬ ଜଣ, ନୂଆପଡ଼ାରୁ ୧ ଜଣ, ପୁରୀରୁ ୨୦ ଜଣ, ରାୟଗଡ଼ାରୁ ୬ ଜଣ, ସମ୍ବଲପୁରରୁ ୫୭ ଜଣ, ସୋନପୁରରୁ ୧୪ ଜଣ, ସୁନ୍ଦରଗଡ଼ରୁ ୧୪୧ ଜଣ ଓ ଷ୍ଟେଟପୁଲରୁ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨,୯୯,୯୨୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨,୮୪,୮୩୫ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୫୯୧୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ସେବା ଓ ସାମଗ୍ରୀ ଟିକସ ବୃଦ୍ଧିକୁ ବିରୋଧ: ଅସନ୍ତୋଷ ଝାଡ଼ିଲା ବ୍ୟବସାୟୀ ମହାସଂଘ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଆଜିଠାରୁ ସାମଗ୍ରୀ ଓ ସେବା ଟିକସ ସ୍ଲାବ୍‌ରେ ହୋଇଥିବା ବୃଦ୍ଧି ଲାଗୁ ହେବ । ଏହା ପ୍ରଭାବରେ ଖାଦ୍ୟ ସାମଗ୍ରୀ ସହ ବହୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଓ ସେବା ମହଙ୍ଗା ହେବ । ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଓଡ଼ିଶା ବ୍ୟବସାୟୀ ମହାସଂଘ ରବିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ଜାହିର କରିଛି । ଏହି ବର୍ଦ୍ଧିତ ଟିକସ ପ୍ରତ୍ୟାହାର କରିବା ପାଇଁ ସଂଘ ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି । ଆସନ୍ତା ୨୬ ତାରିଖରେ ଭୋପାଳରେ ସର୍ବଭାରତୀୟ ସ୍ତରରେ ହେବାକୁ ଥିବା ବ୍ୟବସାୟୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ବାବଦରେ ନିଷ୍ପତ୍ତି ନିଆଯିବ । ସଂଘର ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିଛି । କରୋନା ସମୟରେ ପ୍ରତ୍ୟେକଙ୍କର ରୋଜଗାର ପ୍ରଭାବିତ ହୋଇଛି । ଏଭଳି ସ୍ଥିତିରେ ଟିକସ ବୃଦ୍ଧିକୁ ଆଦୌ ବରଦାସ୍ତ କରାଯିବ ନାହିଁ । ତେଣୁ ଏହି ଟିକସ ବୃଦ୍ଧି ନିଷ୍ପତ୍ତିକୁ ବାତିଲ କରିବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି ।

ଶ୍ରୀ ପଣ୍ଡା ଆହୁରି କହିଥିଲେ ଯେ ଏକକ ବ୍ୟବହାରଯୋଗ୍ୟ ପଲିଥିନ୍‌କୁ ନିଷିଦ୍ଧ କରିବା ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରି ମୋଟା ଅଙ୍କର ଜରିମାନା କରାଯାଉଛି । ଲକ୍ଷ ଲକ୍ଷ ଟଙ୍କାର ପଲିଥିନ୍‌କୁ ବିଏମ୍‌ସି ଜବତ କରୁଛି । କିନ୍ତୁ ବଜାରରେ ଏପର୍ଯ୍ୟନ୍ତ ପଲିଥିନ୍‌ର କୌଣସି ବିକଳ୍ପ ଉପଲବ୍ଧ ନଥିବାରୁ ବ୍ୟବସାୟୀମାନେ କିପରି ବେପାର କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ତେଣୁ ବିକଳ୍ପ ନ ବାହାରିବା ପର୍ଯ୍ୟନ୍ତ ଚଢ଼଼ଉ ନ କରିବାକୁ ସଂଘ ଦାବି କରିଛି । ଅପରପକ୍ଷେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ଦେଉଥିବା ପ୍ରମାଣପତ୍ର ଗୋଟିଏ ବର୍ଷର ଅବଧି ରହୁଛି । ଫଳରେ ବ୍ୟବସାୟୀଙ୍କୁ ପ୍ରତିବର୍ଷ ନୂଆ କରି ପ୍ରମାଣପତ୍ର ସଂଗ୍ରହ କରିବାକୁ ପଡୁଛି । ଯେଉଁଥିପାଇଁ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ଥର ବ୍ୟବସାୟୀଙ୍କୁ ପଞ୍ଜୀକରଣ କରି ପ୍ରତ୍ୟେକ ବର୍ଷ ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ନବୀକରଣ କରିବାକୁ ସୁଯୋଗ ରହିଲେ, ଆଉ ସମସ୍ୟା ହେବ ନାହିଁ । ଏହି ସବୁ ଦାବି ପୂରଣ ନ ହେଲେ ସଂଘ କଠୋର ନିଷ୍ପତ୍ତି ନେବ ବୋଲି ଚେତାଇ ଦେଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଗୌରଚନ୍ଦ୍ର ପଣ୍ଡା, ସିଏସ୍ ରବୀନ୍ଦ୍ରନାଥ, ଗିରୀଶ ପ୍ରସାଦ ରଥ ଓ ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

# ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କଲା କଂଗ୍ରେସ

ଭୁବନେଶ୍ୱର ,୧୮/୦୭ (ନି.ପ୍ର): ଆମ୍ବ ଟାକୁଆ ଖାଇ ଝାଡ଼ାବାନ୍ତି ସହ ମୃତ୍ୟୁମୁଖରେ ପଡୁଥିବା ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର କାଶୀପୁର ଅଂଚଳରେ ଉଦ୍‌ବେଗ ଜନକ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟନାୟକ ରାଜ୍ୟ ସରକାର ଆଦିବାସୀ ଭାଇ ଓ ଭଉଣୀଙ୍କ ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଅବସ୍ଥା ପ୍ରତି ଉଦାସ ମନୋଭାବର ନିନ୍ଦା କରିବା ସହ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଅନୁସଂଧାନ ପାଇଁ ନିମ୍ନମତେ ଏକ ତଥ୍ୟ ଅନୁସଂଧାନକାରୀ ଦଳ ଗଠନ କରିଛନ୍ତି । ତିନିଦିନ ମଧ୍ୟରେ ଏହି କମିଟି କାଶିପୁର ଗସ୍ତକରି ପ୍ରଦେଶ କଂଗ୍ରେସକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଏହି କମିଟିରେ ଭୁଜବଳ ମାଝୀ, ଅଧ୍ୟକ୍ଷ ଅନୁସୂଚିତ ଜାତି ବିଭାଗ, ଓପିସିସି ଅଧ୍ୟକ୍ଷ ରହିଥିବା ବେଳେ ନକୁଳ ନାୟକ, ଆବାହକ ଅଛନ୍ତି । ଏହା ବ୍ୟତୀତ ଚିନ୍ମୟ ପ୍ରସାଦ ବେଉରା,ବିନୋଦ ପାତ୍ର, ଅମୀୟ ପାଣ୍ଡବ ସଭ୍ୟ ରହିଛନ୍ତି ।

## ରୋଟାରୀ ରୟାଲ ପକ୍ଷରୁ ବନ ମହୋତ୍ସବ ପାଳିତ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ବନ ମହୋତ୍ସବ ଅବସରରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ ପକ୍ଷରୁ ଲକ୍ଷ୍ମୀସାଗର ସ୍କୁଲ୍ ପ୍ରାଙ୍ଗଣରେ ଫଳଗଛରା ରୋପଣ କରାଯାଇଅଛି । ସ୍କୁଲ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା ଓ କଟକ ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ଅନିଲ କୁମାର ସାମଲ ଅତିଥି ଭାବେ ଯୋଗ ଦେଇଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ, କ୍ଲବ ପକ୍ଷରୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ବନବାସୀ ଆଶ୍ରମ ସମେତ ବିଭିନ୍ନ ସ୍କୁଲ୍ ପରିସର ଓ ରାସ୍ତାକଡ଼ରେ ବ୍ୟାପକ ବୃକ୍ଷ ରୋପଣ ସହ ବୃକ୍ଷର ଉପକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା । ନିକଟରେ ଭୁବନେଶ୍ୱରର ଆଖାପାଖ ଅଞ୍ଚଳରେ ଗଛରା ବଣ୍ଟନ ସହ ଏ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମମାନ ବ୍ୟାପକ ଭାବେ ହାତକୁ ନିଆଯିବ ବୋଲି କ୍ଲବର ସଭାପତି ସଞ୍ଜିତ କୁମାର ଜେନା ଓ ସମ୍ପାଦକ ବିଭୂତି ଭୂଷଣ କର ସୂଚନା ଦେଇଛନ୍ତି ।

# ଚାଇନାର ୩ ସାଇବର ଲୁଟେରାଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର ଜାରି

ଭୁବନେଶ୍ୱର,୧୮/୦୭ (ନି.ପ୍ର): ଚାଇନାର ୩ ଜଣ ସାଇବର ଲୁଟେରାଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇଛି । ଇଓଡବ୍ଲୁର ଅନୁରୋଧ କ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେସନ ପକ୍ଷରୁ ଏହି ସର୍କୁଲାର ଜାରି ହୋଇଥିବା ଜଣାଯାଇଛି । ଚାଇନାର ଠକମାନେ ବେଆଇନ ଡିଜିଟାଲ ଲୋନ୍ ଆପ୍ ମାଧ୍ୟମରେ ଲୋକଙ୍କୁ ଠକୁଥିବା ନେଇ ଅଭିଯୋଗ ହୋଇଥିଲା । ଠକମାନେ କେବଳ ଓଡ଼ିଶାରେ ନୁହେଁ, ବରଂ ପୂରା ଭାରତରେ ପ୍ରାୟ ୧ ଲକ୍ଷ ଲୋକଙ୍କୁ ଠକିଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁସାରେ ଚାଇନାର ଠକମାନେ ଭାରତରେ ନିଜର ନେଟୱର୍କ ବିସ୍ତାର କରି, ଲୋକଙ୍କୁ ମିଠା ମିଠା କଥା କହି ଠକୁଥିଲେ । ସେମାନେ ଭାରତରେ ଏଥି ପାଇଁ ନିଜର ନେଟୱାର୍କ ବିଛାଇଥିଲେ । କ୍ରେଡିଟ ଗୋଲ୍ଡ ଲୋନ୍ ଆପ୍ ମାଧ୍ୟମରେ ବେଆଇନ ସଂସ୍ଥା କରି ଠକମାନେ ଲୁଟ୍ କରୁଥିଲେ । ଭାରତ ବ୍ୟତୀତ ଇଣ୍ଡୋନେସିଆ, ଶ୍ରୀଲଙ୍କା, ପାକିସ୍ତାନ, ନେପାଳ, ବାଂଲାଦେଶରେ ବି ଠକମାନେ ନିଜର ରାକେଟ ଚଳାଇଥିଲେ ।

# ସାଧାରଣ ଜନତାଙ୍କ ସ୍ୱାର୍ଥ ବିରୋଧି ଜିଏସଟି ନିଷ୍ପତ୍ତି ଅବିଳମ୍ବେ ପ୍ରତ୍ୟାହାର କର : ଶରତ ପଟ୍ଟନାୟକ

ଭୁବନେଶ୍ୱର ,୧୮/୦୭ (ନି.ପ୍ର): ଗତ ଜୁନ ୨୮ ଓ ୨୯ ତାରିଖ ଚଣ୍ଡିଗଡ଼ ଠାରେ ଦୁଇଦିନିଆ ଜିଏଷ୍ଟି କାଉନସିଂଲର ୪୭ତମ ବୈଠକରେ ଚୁଡ଼ା, ମୁଢ଼ି, ଗୁଡ଼, ଦହି, ଖଇ ଓ ଉଖୁଡ଼ା ଆଦି ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀ ଉପରେ ୫% ହାରରେ ଜିଏଷ୍ଟି ଲାଗୁ କରିବା ନିଷ୍ପତି ଏକ ହତଭାଗ୍ୟ ନିଷ୍ପତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି । ଶ୍ରୀ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ଓଡ଼ିଶାର ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାରେ ମୁଢ଼ି ବିନା ଜୀବନ ଦୁର୍ବିସହ । କିନ୍ତୁ ଆସନ୍ତା କାଲି ପାଖରୁ ଏହି ଅଣବ୍ରାଣ୍ଡ ପ୍ୟାକେଟ ଦ୍ୱାରା ବିକ୍ରି ହେଉଥିବା ମୁଢ଼ି, ଗୁଡ଼, ଚୁଡ଼ା, ଦହି, ଖଇ ଓ ଉଖୁଡ଼ା ଆଦି ଉପରେ ୫% ଜିଏଷ୍ଟି ଲାଗୁ ହେବ । ଦୀର୍ଘ ୮ବର୍ଷ କାଳ ଧରି କେବଳ ଘୃଣ୍ୟ ରାଜନୀତିରେ ଲିପ୍ତ ରହିବା ଛଡ଼ା ଭାରତବର୍ଷର ଅର୍ଥନୀତିକୁ ସଂପୂର୍ଣ୍ଣରୂପେ ଅଣଦେଖା କରିବା ଓ ଭୁଲ ଅର୍ଥନୈତିକ ନିଷ୍ପତି ଯୋଗୁଁ ଆଜି ଭାରତ ବର୍ଷର ଅର୍ଥନୀତି ସଂପୂର୍ଣ୍ଣ ରୂପେ ରସାତଳଗାମୀ । ମୋଦି ସରକାର କେବଳ ମନ୍ଦିର, ମସ୍‌ଜିଦ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଇଡି, ଇନକମଟେକ୍ସ ଭିତରେ ସୀମାବଦ୍ଧ ହୋଇ ରାଜନୀତି କରୁଛନ୍ତି । ଓଡ଼ିଶାର ସାଧାରଣ ଜୀବନରେ ଏ ସମସ୍ତ ଖାଦ୍ୟଦ୍ରବ୍ୟ ଅତ୍ୟାବଶ୍ୟକ ଅଟେ । ଏ ସବୁ ଉପରେ କର ଆଦାୟ କରିବା କିଭଳି ଭାବରେ ଗରିବ ଲୋକଙ୍କ ଉପରୁ ଜୋର ଜବରଦସ୍ତ କରି କର ଆଦାୟ କରି ହେବ ଏହାହିଁ ପ୍ରମାଣିତ କରୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବିଜୁ ଜନତା ଦଳର ଅର୍ଥମନ୍ତ୍ରୀ ସେ ମିଟିଂରେ ଉପସ୍ଥିତ ଥାଇ ମଧ୍ୟ ଏ ବାବଦରେ ଥରୁଟିଏ ବିରୋଧ କରି ନାହାନ୍ତି କାହିଁକି ? କ'ଣ ଏହା ରାଜ୍ୟର ଜନସାଧାରଙ୍କ ସ୍ୱାର୍ଥ ବିରୋଧି କି ନୁହେଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଏଥିରୁ ଏହା ବୁଝାପଡୁଛି ରାଜ୍ୟ ସରକାର ଜିଏଷ୍ଟି କାଉନସିଲର ଏ ନିଷ୍ପତିକୁ ସମ୍ମତି ଜଣାଇଛି । ଗୋଟେ ଗଣତାନ୍ତ୍ରିକ ସରକାର ଜନସାଧାରଣଙ୍କ ପରିସ୍ଥିତିକୁ ଦେଖି କର ଆଦାୟ କରିଥାଏ । କିନ୍ତୁ ଏବେ ସରକାର ଅଧିକରୁ ଅଧିକ କିଭଳି କର ଆଦାୟ କରାଯିବ ସେଥିପାଇଁ ଅଧିକ ତତ୍ପରତା ଦେଖାଉଛନ୍ତି । ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ତଥା ବରିଷ୍ଠ କଂଗ୍ରେସ ନେତା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ୨୦୦୫ ମସିହାରେ ମନମୋହନ ସିଂଙ୍କ ସରକାର ସମୟରେ ୩୭ ଗୋଟି ଦ୍ରବ୍ୟକୁ ଭାଟ ମୁକ୍ତ କରାଯାଇଥିଲା । ଏହିସବୁ ଦ୍ରବ୍ୟ ଗୁଡ଼ିକ ଦହି, ଲସି, ଘୋଳଦହି, କ୍ଷୀର ପ୍ୟାକେଟ, ସ୍ଲେଟ, ପ୍ଲେଟ, ମ୍ୟାପ, ଚୁଡ଼ା, ମୁଢ଼ି, ହୁଡ଼ୁମ, ଖଇ, ଉଖୁଡା, ମୁଆଁ, ଖଲିପତ୍ର, ସବାଇ ଘାସରୁ ପ୍ରସ୍ତୁତ ଦଉଡ଼ି, ଗହମ, ଅଟା, ଲୁଙ୍ଗି, ଗାମୁଛା, ମାଛ, ମାଂସ, ଅଣ୍ଡା ଇତ୍ୟାଦି । କିନ୍ତୁ ଆସନ୍ତା କାଲି ଜୁଲାଇ ୧୮ ତାରିଖ ୨୦୨୨ ମସିହା ପାଖରୁ ପ୍ରାୟ ସବୁ ଦ୍ରବ୍ୟ ଉପରେ ସରକାର ଜିଏଷ୍ଟି ଲାଗୁ କରିସାରିଛନ୍ତି । ଏହି ସବୁ ଦ୍ରବ୍ୟ ମାନଙ୍କରୁ ୫% ରୁ ୧୨ % ପର୍ଯ୍ୟନ୍ତ ଜିଏଷ୍ଟି ଆଦାୟ କରୁଛନ୍ତି । ୨୦୧୭ ମସିହା ଜିଏଷ୍ଟିକୁ ଲାଗୁ କରିବା ପାଇଁ ସେଂଟ୍ରାଲ ହଲରେ ଯେଉଁ ଐତିହାସିକ ମଧ୍ୟରାତ୍ରୀ ମିଂଟି ହୋଇଥିଲା ସେଇ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଲାବେଳେ ବାରମ୍ବାର ଗୋଟିଏ କଥାକୁ ଦୋହରାଉଥିଲେ ଯେ ଜିଏଷ୍ଟି ସାଧାରଣ ଲୋକଙ୍କ ସ୍ୱାର୍ଥ, ରାଜ୍ୟର ସ୍ୱାର୍ଥ ପାଇଁ, ଦେଶର ସ୍ୱାର୍ଥ ପାଇଁ ଓ ସର୍ବୋପରି ଦେଶର ଖାଉଟିଙ୍କ ପାଇଁ । ଏହାଦ୍ୱାରା ଜିନିଷ ପତ୍ରର ଦରଦାମ ବହୁ ମାତ୍ରାରେ କମିଯିବ ଓ ସାଧାରଣ ଜନତା ଏହାର ବହୁ ସୁଫଳ ପାଇବେ କିନ୍ତୁ ସତ୍ୟ କ'ଣ ? ଖାଲି ସେତିକି ନୁହେଁ ପାଖାପାଖି ୬ଥର କହିଥିଲେ ଯେ ଜିଏଷ୍ଟି ଦ୍ୱାରା ରାଜ୍ୟ ମାନଙ୍କର ଅର୍ଥନୈତିକ ସ୍ୱାଧୀନତା କ୍ଷେତ୍ରରେ ଏହା କୌଣସି ଅନ୍ତରାୟ ସୃଷ୍ଟି କରିବ ନାହିଁ ଏବଂ ପାଖାପାଖି ୨୭ ଥରରୁ ଅଧିକ ଏହାର ସୁଫଳ ଜନସାଧାରଣ ପାଇବେ ବୋଲି କହିଥିଲେ । ଏକ ରାଷ୍ଟ୍ର ଏକ ଟ୍ୟାକ୍ସ ବୋଲି କହିଥିଲେ । କିନ୍ତୁ ଜିଏଷ୍ଟି ଲାଗୁ ହେବା ଠାରୁ ୫ଟି ସ୍ଲାବରେ କର ଆଦାୟ କରାଯାଉଛି । ଶ୍ରୀ କାନୁନଗୋ କହିଲେ ଯେ କଂଗ୍ରେସ ସରକାର ସମୟରେ କୋଇଲା ଉପରେ ଟନ ପିଛା ୧୦୦ ଟଙ୍କାର ସେସ ବସୁଥିଲା ବେଳେ ଏବେ ୪ ଶହ ଟାଙ୍କାରୁ ଅଧିକ ସେସ ମୋଦି ସରକାର ଆଦାୟ କରୁଛି ।

# ଜାତୀୟ ସ୍ତରୀୟ ମୟୁରଭଂଜ ଫୁଟବଲ କପ- ୨୦୨୨ ଉଦଯାପିତ

## କୋଲକାତାକୁ ହରାଇ ଝାରଗ୍ରାମ ଚାମ୍ପିୟନ



ବାରିପଦା, ୧୮/୦୭ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଂଜ ଏଥଲେଟିକ ଆସୋସିଏସନ ଓ ମୟୁରଭଂଜ ଫୁଟବଲ ପ୍ଲେୟାର୍ସ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ମୟୁରଭଂଜ ଫୁଟବଲ କପ -୨୦୨୨ଉଦଯାପିତ ହୋଇହୋଇଛି ଓ ଇ. ବିପ୍ଳବ କୁମାର ବୁଗୁଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ପ୍ରଥମ ମ୍ୟାଚକୁ ଉଦଘାଟନ କରିଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ବରିଷ୍ଠ କ୍ରୀଡ଼ାବିତ କୁମାର ରଞ୍ଜନ ପଣ୍ଡା, ହରିଶ ଷଡ଼ଙ୍ଗୀ ଓ ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଝାରଗ୍ରାମ ଦଳ ଜାମସେଦପୁର ଦଳକୁ ଗୋଟିଏ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ ଓ ଫାଇନାଲ ମ୍ୟାଚରେ ଝାରଗ୍ରାମ ଦଳ କୋଲକାତା ଦଳକୁ ଟାଇ ବ୍ରେକର ଜରିଆରେ ୭-୬ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି ଓ ଆଜିର ଖେଳକୁ ଚକ୍ରଧର ଚାତାର, ସୀତାରାମ ସୁଲତାନ ହାଁସଦା, ବାପୁନ କୁମାର ମହାନ୍ତ, କେଦାର କାଲୁଣ୍ଡିଆ ଖେଳ ପରିଚାଳନା କରିଥିବା ବେଳେ ମନୋଜ କୁମାର ପାତ୍ର ଧାରବିବରଣୀ ଦେଇଥିଲେ । ଚାମ୍ପିୟନ ଦଳକୁ ଏକ ଲକ୍ଷ ଟଙ୍କା ଓ ଟ୍ରଫି , ରନର୍ସ ଅପ ଦଳକୁ ୫୦ ହଜାର ଓ ଟ୍ରଫି, ତୃତୀୟ ଶ୍ରେଷ୍ଠ ଦଳ ଭାବେ ଜାମସେଦପୁର ଦଳକୁ ୨୫ ହଜାର ଓ ଚତୁର୍ଥ ଶ୍ରେଷ୍ଠ ଦଳ ଖୁଣ୍ଟାକୁ ମଧ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଏସଡିସି ଅଧକ୍ଷ ଡ଼ା. ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ମୟୁରଭଂଜ ଏଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଂଜ ଏଥଲେଟିକ ଆସୋସିଏସନର ଫୁଟବଲ ସହ ସମ୍ପାଦକ ଅମର ସେଠି, ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ମୟୁରଭଂଜ ଫୁଟବଲ ପ୍ଲେୟାର୍ସ ଆସୋସିଏସନର ସଭାପତି ଧର୍ମରାଜ ହାଁସଦା ଓ ସମ୍ପାଦକ ମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ ୧୯୫ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢିବାରେ ଲାଗିଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ସୋମବାର ମୋଟ ୧୯୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୧୮୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୦ ହଜାର ୬୩୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୫୮ ହଜାର ୨୩୦ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୧୯୨ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୨୭୫ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସରିଲା ରାଷ୍ଟ୍ରପତି....

ଆସାମର ଏଆଇୟୁଡିଏଫର ବିଧାୟକ କମରିମୁଦ୍ଦିନ ବାରୁଭୁଇଆ ଦାବି କରିଛନ୍ତି ବି କଂଗ୍ରେସ ବିଧାୟକମାନେ କ୍ରସ ଭୋଟିଂ କରିଛନ୍ତି । ସେହିପରି ଓଡିଶାରୁ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି । ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ସମେତ ତେଲଗୁ ଦେଶମ ପାର୍ଟି, ଶିବସେନା, ଜେଏମ୍‌ଏମ୍, ବିଏସପି ଏବଂ ଅକାଳୀ ଦଳ ଭଳି ଅନେକ ଦଳ ସମର୍ଥନ ଦେଇଛନ୍ତି । ମୁର୍ମୁଙ୍କୁ ପ୍ରାର୍ଥୀ କରି ମୋଦି ଯେଉଁ ମାଷ୍ଟରଷ୍ଟ୍ରୋକ ଖେଳିବାକୁ ଚାହିଁଥିଲେ ତାହା ସତ ହୋଇଛି । ନିଜ ସହଯୋଗୀ ଦଳଙ୍କ ବ୍ୟତିତ ବିରୋଧୀ କ୍ୟାମ୍ପରୁ ଅନେକ ଦଳ ମୁର୍ମୁଙ୍କ ସପକ୍ଷରେ ଭୋଟ ଦେଇଛନ୍ତି । ଆସନ୍ତା ୨୧ ତାରିଖରେ ସଂସଦ ଭବନରେ ଭୋଟ୍ ଗଣତି କରାଯିବ । ନୂଆ ରାଷ୍ଟ୍ରପତି ଜୁଲାଇ ୨୫ ତାରିଖରେ ଶପଥ ନେବେ ।

## ଆଜି ଓଡ଼ିଶା....

ପରାମର୍ଶ ଦିଆଯାଉଛି । ଲୋକସେବା ଭବନର ମୁଖ୍ୟ ଗେଟ୍ ସକାଳ ୧୦ଟା ୧୫ମିନିଟରେ ବନ୍ଦ ହୋଇଯିବ ଓ ସମସ୍ତେ ପଛ ଗେଟ୍ ଦେଇ ଯାତାୟତ କରିବେ । କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କାର ପାସ୍ ଥିବା ଗାଡ଼ି ମଧ ଲୋକସେବା ଭବନ ଭିତରକୁ ପ୍ରବେଶ କରିପାରିବ ନାହିଁ । ଆସନ୍ତାକାଲି ଏସବୁ ସରକାରୀ କାର୍ଯ୍ୟାଳୟକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ମଧ କଟକଣା ଜାରି ହୋଇଛି । ଯଦି କୌଣସି ଜରୁରୀ କାର୍ଯ୍ୟ ଥାଏ ତେବେ ସମ୍ପୃକ୍ତ ବିଭାଗର ସୁପାରିଶରେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସଙ୍ଗେସଙ୍ଗେ ପାସ୍ ଯୋଗାଇ ଦେବେ । ସୂଚନାଯୋଗ୍ୟ, ଆସନ୍ତାକାଲି ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରର ଅନେକ ଘରୋଇ ସ୍କୁଲ ମଧ ନିଜଆଡୁ ଛୁଟି ଘୋଷଣା କରିଛନ୍ତି ।

## ପୂଜାର୍ଚ୍ଚନା ପରେ ଖୋଲିଲା....

କରି ସାରିଥିବା ବେଳେ ଏହାକୁ ୬୦୫ ଫୁଟ୍‌କୁ ହ୍ରାସ କରିବା ଡ୍ୟାମ କର୍ତ୍ତୃପକ୍ଷଙ୍କ ପ୍ରଥମ ପ୍ରାଥମିକତା ହେବ ବୋଲି ଜଣାଯାଇଛି । ତେବେ ଏବେ ଗେଟ୍ ଖୋଲାଯାଇଥିଲେ ମଧ ତଳିଆ ଅଞ୍ଚଳ ଲୋକେ ବିଶେଷ ଭୟଭୀତ ହେବା ଆବଶ୍ୟକତା ନାହିଁ ବୋଲି କହିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । କାରଣ ଏବେ ମହାନଦୀର ତଳ ଅଞ୍ଚଳରେ ବିଶେଷ ପାଣି ନ ଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ ବୋଲି କହିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । ଏନେଇ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ କହିଛନ୍ତି, ଏବେ ତଳ ଅଞ୍ଚଳ ପ୍ରତି ସେପରି କୌଣସି ବନ୍ୟା ଆଶଙ୍କା ନାହିଁ । କେବଳ ହୀରାକୁଦ ପାଖାପାଖି ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି ।

## ଏନଡିଏ ପ୍ରାର୍ଥୀ ଦ୍ରୌପଦୀ....

ସାଲୁଜା କହିଛନ୍ତି ଯେ ଜଣେ ଶୃଙ୍ଖଳିତ ସଭ୍ୟ ଭାବେ ସେ ପାର୍ଟି ନିଷ୍ପତି ପ୍ରକାରେ ଭୋଟ୍ ଦେବା କଥା । କିନ୍ତୁ ଯାହା ଘଟିଲା, ତାହା ଦୁର୍ଭାଗ୍ୟଜନକ ଘଟଣା । ହାଇକମାଣ୍ଡଙ୍କୁ ଏ ବିଷୟରେ ଅବଗତ କରାଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା । ମୋକିମ ଅସନ୍ତୁଷ୍ଟ ଥିବା ଏହା ପ୍ରମାଣ କଲା । ତା' ସହିତ ଦଳର ଏକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲା ।

# ଆଜାଦିର ୭୫ବର୍ଷ ଅମୃତମହୋତ୍ସବ ଉପଲକ୍ଷେ ୩୦ହଜାର ବୃକ୍ଷରୋପଣ



ଜଳେଶ୍ୱର, ୧୮/୭(ନି.ପ୍ର) : ଭାରତ ସ୍ୱାଧିନର ୭୫ବର୍ଷ ପୁର୍ତ୍ତ ଅବସରରେ ଅନୁଷ୍ଠିତ ଆଜାଦି ଅମୃତ ମହୋତ୍ସବ ଉପଲକ୍ଷେ ଦେଶବ୍ୟାପି ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇ ଆସୁଛି । ଏହି ଉପଲକ୍ଷେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଜାତୀୟ ରାଜପଥ-୬୦ର ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ବୃକ୍ଷରୋପଣରେ ପ୍ରଥମ ଦିନରେ ୧୦୦୦ ବୃକ୍ଷ ରୋପଣ କରାଯାଇଥିବା ବେଳେ ଅଗଷ୍ଟ ୧୫ ସୁଦ୍ଧା ମୋଟ ୩୦ ହଜାର ବୃକ୍ଷ ରୋପଣ କରାଯିବ ବୋଲି ବାଲେଶ୍ୱର-ଖଡଗପୁର ଏକ୍ସପ୍ରେସ୍‌ୱେ ଲିମିଟେଡ୍‌ର ପ୍ରକଳ୍ପ ମୁଖ୍ୟ ସଂଜୟ ସୁନ୍ଦର ଘଟକ ସାମ୍ବାଦିକ ମାନଙ୍କୁ କହିଛନ୍ତି । ଅକ୍ସିଜେନ୍ ସ୍ତରକୁ ଠିକ୍ ରଖିବା ସହିତ ରାଜପଥର ଦୁଇପାର୍ଶ୍ୱ ସବୁଜ ବନାନୀ ସୃଷ୍ଟି କରି ଅମୃତମୋହତ୍ସବ ପାଳନ କରାଯାଉଥିବା ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ । ନିଳମଣି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପକ୍ଷରୁ ଉକ୍ତ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା ଜାତୀୟ ରାଜପଥ-୬୦ର ବହୁ କର୍ମଚାରୀଙ୍କ ସହିତ ସମାଜସେବୀ କମଳ ଚକ୍ରବର୍ତ୍ତୀ, ରବିନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ଶିକ୍ଷକ ନୀଳକଣ୍ଠ ପଣ୍ଡାଙ୍କ ସ୍ମୃତି ସଭା

ବାଲେଶ୍ୱର, ୧୮/୦୭ (ନି.ପ୍ର): ମହମ୍ମଦପୁର ସ୍ଥିତ 'ଆମେ କେତେଜଣ' ସସଂଗଠନ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ନୀଳକଣ୍ଠ ପଣ୍ଡାଙ୍କ ସ୍ମୃତି ସଭା ପାଳିତ ହୋଇଯାଇଛି । ଏହି ସ୍ମୃତିସଭାରେ ବହୁ ସମାଜସେବୀ ଓ ଶିକ୍ଷକ ଯୋଗ ଦେଇ କହିଥିଲେ ଯେ, ସେ ତାଙ୍କ ଜୀବନକାଳ ମଧ୍ୟରେ ସମୟାନୁବର୍ତ୍ତୀ, ନୀତିବାନ୍, ଦାୟିତ୍ୱବାନ୍ ଏପରିକି ଆଦର୍ଶ ଶିକ୍ଷକ ଥିଲେ । ସଂଗଠନର ସଭାପତି ସମାଜସେବୀ ଯତୀନ ପାତ୍ର, ସମ୍ପାଦକ ଡାକ୍ତର ମନୋଜ କିଶୋର ମାଝୀ, ଆଲୋକ ରଞ୍ଜନ ଦାସ, ପ୍ରହଲ୍ଲାଦ ଦାସ, ଯୋଗେନ୍ଦ୍ର ଦାସ, ହେମନ୍ତ ସାହୁ, ଶ୍ୟାମସୁନ୍ଦର ବରିକ ଓ ନାରୀ ନେତ୍ରୀ ବନ୍ଦନା ବିଶ୍ୱାସ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ବିଜୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।

## ଶପଥ ନେଲେ ସସ୍ମିତ ପାତ୍ର

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ରାଜ୍ୟସଭାରେ ଦ୍ୱିତୀୟ ଥର ପାଇଁ ଶପଥ ନେଇଛନ୍ତି ଓଡିଶା ସାଂସଦ ସସ୍ମିତ ପାତ୍ର । ଶ୍ରୀ ପାତ୍ର ସୋମବାର ଦିନ ରାଜ୍ୟସଭା ସଦସ୍ୟ ଭାବେ ମାତୃଭାଷା ଓଡିଆରେ ଶପଥ ଗ୍ରହଣ କରିଥିଲେ । ରାଜ୍ୟସଭା ଅଧକ୍ଷ ଭେଙ୍କେୟା ନାଇଡୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ରାଜ୍ୟସଭା ନିର୍ବାଚନ ପାଇଁ ଖାଲି ପଡ଼ିଥିବା ୩ଟି ଆସନରେ ବିଜେଡିରୁ ମାନସ ମଙ୍ଗରାଜ, ସୁଲତା ଦେଓ ଓ ସସ୍ମିତ ପାତ୍ର ନିର୍ବାଚିତ ହୋଇଥିଲେ ।

# ପୂର୍ବତଟ ରେଳପଥ ଦ୍ୱାରା ସ୍ମରଣୀୟ ଆଜାଦୀ କା ଅମୃତ ମହୋତ୍ସବ ସପ୍ତାହ ପାଳନ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ଭାରତୀୟ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ଜୁଲାଇ ମାସ ୧୮ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ସ୍ମରଣୀୟ ଆଜାଦୀ କି ରେଳ ଗାଡି ଔର ଷ୍ଟେସନ ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ରେଳପଥ ପକ୍ଷରୁ ହାତକୁ ନିଆଯାଇଛି । ଆଜି ସନ୍ଧ୍ୟାରେ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ସ୍ୱାଧୀନତା ସଂଗ୍ରାମର ବିଶାଳ ଐତିହାସିକ ପାଇକ ବିଦ୍ରୋହ ଏବଂ ଖୋର୍ଦ୍ଧା ଅଂଚଳର ଇତିହାସକୁ ମଣ୍ଡନ କରୁଥିବା ଏକ ପ୍ରଦର୍ଶନୀକୁ ଶ୍ରୀ ଶ୍ରୀବାସ୍ତବ ଉଦ୍‌ଘାଟନ କରିଥିବାବେଳେ ଏହାକୁ ସ୍ମରଣୀୟ କରିବା ପାଇଁ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ସ୍ୱେଚ୍ଛାସେବୀମାନେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେଶର ସମସ୍ତ ରେଳବାଇ ଜୋନ୍ ଓ ରେଳ ମଣ୍ଡଳ ଦ୍ୱାରା ଆୟୋଜିତ ଦେଶବ୍ୟାପୀ ସ୍ମରଣୀୟ ଆଜାଦୀ କି ରେଳ ଗାଡି ଔର ଷ୍ଟେସନ ସପ୍ତାହ ପାଳନ ଆଜାଦୀ କା ଅମୃତ ମହୋତ୍ସବର ଏକ ଅଂଶ । ତଦନୁସାରେ ସ୍ୱାଧୀନତା ସଂଗ୍ରାମ ସହିତ ଜଡିତ ଥିବା ଦେଶର ୭୫ଟି ରେଳ ଷ୍ଟେସନକୁ ମନୋନୀତ କରାଯାଇଅଛି ଯେଉଁଠାରେ ଆଜାଦୀ କି ରେଳଗାଡ଼ି ଏବଂ ଷ୍ଟେସନ ଆଧାରରେ ଉପରୋକ୍ତ ଷ୍ଟେସନଗୁଡ଼ିକରେ ଏହି ସ୍ମରଣୀୟ ସପ୍ତାହ ପାଳନ କରାଯିବ । ସମଗ୍ର ଦେଶରେ ମନୋନୀତ ଷ୍ଟେସନ୍‌ଗୁଡ଼ିକ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ପାଂଚଟି ଷ୍ଟେସନ୍ ମନୋନୀତ ହୋଇଛି । ସମସ୍ତ ମନୋନୀତ ଷ୍ଟେସନଗୁଡ଼ିକୁ ସପ୍ତାହ ବ୍ୟାପି ରଙ୍ଗୀନ ଆଲୋକରେ ସୁସଜ୍ଜିତ କରାଯାଇ ଆଲୋକିକରଣ କରାଯିବ । ଏହି ସମୟ ମଧ୍ୟରେ ଐତିହାସିକ ବିଷୟବସ୍ତୁକୁ ଆଧାର କରି ଷ୍ଟେସନମାନଙ୍କ ଠାରେ ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ କରାଯିବ ।

## ପ୍ରଥମ ସୋମବାରରେ ୫ହଜାରରୁ ଅଧିକ କାଉଡିଆଙ୍କ ସମାଗମ

ନୀଳଗିରି, ୧୮/୦୭ (ନି.ପ୍ର): ଶ୍ରାବଣ ମାସର ୧ମ ସୋମବାରରେ ବାଲେଶ୍ୱର ଜିଲ୍ଲାର ନୀଳଗିରିର ପ୍ରସିଦ୍ଧ ଶୈବପୀଠ ପଂଚଲିଙ୍ଗେଶ୍ୱର ପୀଠରେ ୫ହଜାରରୁ ଅଧିକ କାଉଡ଼ିଆମାନଙ୍କ ସମାଗମ ଦେଖିବାକୁ ମିଳିଛି । ବିଭିନ୍ନ ନଦୀରୁ ପୂଜାଅର୍ଚ୍ଚନା କରି ପାଣିଭାର ଧରି ପଂଚଲିଙ୍ଗେଶ୍ୱର ଶୈବପୀଠରେ ପହଂଚି ଜଳାଭିଷେକ କରିଛନ୍ତି । ଟ୍ରଷ୍ଟବୋର୍ଡ ପକ୍ଷରୁ କାଉଡ଼ିଆମାନଙ୍କ ପାଇଁ କରାଯାଇ ମହାଦେବଙ୍କ ଠାରେ ପୂଜାର୍ଚ୍ଚନା କରି ଜଳାଭିଷେକ କରିଥିଲେ । ପୋଲିସପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ଭଦ୍ରକ ଇନର ହୁଇଲ୍ କ୍ଲବର ଅଧିଷ୍ଠାନ ଦିବସ




ଭଦ୍ରକ, ୧୮/୦୭ (ନି.ପ୍ର): ମହିଳା ସେବା ସଂସ୍ଥା ଭଦ୍ରକ ଇନର ହୁଇଲ କ୍ଲବର ଅଧିଷ୍ଠାନ ଉତ୍ସବ ସାଳନ୍ଦୀ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଭଦ୍ରକ ପୌରାଧକ୍ଷା ଗୁଲ୍‌ମର୍କି ଦଲାଓ୍ୱଜି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇନର ହୁଇଲ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ସେବା ଦ୍ୱାରା ହିଁ ବିଶ୍ୱଏକ ପରିବାରରେ ପରିଣତ ହୋଇପାରିବ ବୋଲି ମତ ଦେଇଥିଲେ । ଉତ୍ସବର ପ୍ରାରମ୍ଭରେ ବିଦାୟୀ ସଭାପତି ସ୍ନେହଲତା ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ନୂତନ ସଭାପତି କାଦମ୍ବିନୀ ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଅମିତାବାଳା ଆଚାର୍ଯ୍ୟ ଓ ତପସ୍ୱିନୀ ପହିଙ୍କୁ କ୍ଲବର ନୂତନ ସଭ୍ୟା ଭାବରେ ଗ୍ରହଣ କରାଯାଇଥିଲା । ଭଦ୍ରକ ରୋଟାରୀ କ୍ଲବର ସଭାପତି ଅଭିଜିତ୍ ନାୟକ, ପ୍ରାଧାପିକା ଝରଣା ପଟ୍ଟନାୟକ, ସୀତାକାନ୍ତ ଦାସ, ଲଲାଟେନ୍ଦୁ ମହାନ୍ତି, ରୋ. ବାଦଲ ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ନାରୀ ସଶକ୍ତିକରଣରେ ଇନର ହୁଇଲର ଭୂମିକା ସଂପର୍କରେ ଉଲ୍ଲେଖ କରିଥିଲେ । କ୍ଲବ୍ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅନୀମା ନାୟକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । କ୍ଲବ୍ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅନୀମା ନାୟକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ନୂତନ ଆଇଏସଓ ଇଶ୍ୱିରେଖା ପରମାଣିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଉକ୍ତ ଉତ୍ସବରେ ବୋପାଧକ୍ଷା ବୀଣାପାଣି ପଣ୍ଡା, ପରମଜିତ୍ କୌର, ପତ୍ରିକା ସଂପାଦିକା, ସରୋଜବାଳା ମହାନ୍ତି, ଡ. ପ୍ରଭାତନଳିନୀ ମହାପାତ୍ର, ସରୋଜନୀ ମହାପାତ୍ର, ଅଞ୍ଜୁବାଳା ରାଉତ, ଗାୟତ୍ରୀ ପଟ୍ଟନାୟକ, ମାଂଗିଲାଲ ବଳଦେବା, ରୁନି ପଣ୍ଡା, ଜେମାମଣି ନାୟକ, ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଅନେକ ବୁଦ୍ଧିଜୀବି ଉପସ୍ଥିତ ଥିଲେ । ସଭା ଶେଷରେ କ୍ଲବର ନୂତନ ସଂପାଦିକା ପ୍ରଣତି ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଟିଏ ଦିନରେ ୮୧୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୯୯୨୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୧୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୪୮୩୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୯୧୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୭୭ ଜଣ ସଂଗରୋଧରୁ ଓ ୩୩୯ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୭, ବାଲେଶ୍ୱର ଜିଲ୍ଲାରେ ୧୩, ବରଗଡ ଜିଲ୍ଲାରେ ୭, ଭଦ୍ରକ ଜିଲ୍ଲାରେ ୮, ବଲାଙ୍ଗୀର ଜିଲ୍ଲାରେ ୧୦, ବୌଦ୍ଧ ଜିଲ୍ଲାରେ ୧୧, କଟକ ଜିଲ୍ଲାରେ ୭୮. ଦେବଗଡ, ଜିଲ୍ଲାରେ ୫, ଢେଙ୍କାନାଳ ଜିଲ୍ଲାରେ ୬ ଗଜପତି ଜିଲ୍ଲାରେ ୯ ଜଗତସିଂହପୁର ଜିଲ୍ଲାରେ ୧୩, ଯାଜପୁର ଜିଲ୍ଲାରେ ୨୬, ଝାରସୁଗୁଡା ଜିଲ୍ଲାରେ ୧୩, କଳାହାଣ୍ଡି ଜିଲ୍ଲାରେ ୧୨, କନ୍ଧମାଳ ଜିଲ୍ଲାରେ ୭, କେନ୍ଦ୍ରାପଡା ଜିଲ୍ଲାରେ ୧୩, କେନ୍ଦୁଝର ଜିଲ୍ଲାରେ ୧୦, ଖୋର୍ଦ୍ଧା ଜିଲ୍ଲାରେ ୨୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସହଦେବଖୁଣ୍ଟାରେ ସ୍ମୃତିଚାରଣ ସଭା



ବାଲେଶ୍ୱର, ୧୮/୦୭ (ନି.ପ୍ର): ୦୨-୦୮-୧୯୬୪ରେ ଜନ୍ମ ଗ୍ରହଣ କରି ତା୯-୦୭-୨୦୨୨ରିଖରେ ଆତ୍ମ ଲୋକ ଗମନ କରିବା ମଧରେ, ଜଣେ ଆଦର୍ଶ କ୍ଷୌରକାର ହିସାବରେ ସମାଜରେ ପ୍ରତିଷ୍ଠିତ ହୋଇପାରିଥିଲେ । ତାଙ୍କର ହସ ହସ ମୁହଁରେ ସର୍ବଦା ଆନନ୍ଦ ଭରି ରହିଥିଲା । ଜଣେ ମେଳାପି ମିଷ୍ଟଭାଷୀ ପରୋପକାରୀ ବ୍ୟକ୍ତି ସେ ଥିଲେ । ସମାଜରେ ଅନ୍ତୁଡି ଶାଳ ଠାରୁ ଅନ୍ତେଷ୍ଟି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ ସେ ସମସ୍ତଙ୍କୁ ସହାୟତା ପ୍ରଦାନ କରି ଚାଲିଥିଲେ । ପୂଜା ପଟଳ, ମନ୍ଦିର କାର୍ଯ୍ୟକ୍ରମରେ ସମସ୍ତେ ତାଙ୍କୁ ସର୍ବାଗ୍ରେ ଡାକୁଥିଲେ । ତାଙ୍କର ଅବର୍ତ୍ତମାନରେ ଗ୍ରାମ ସାହି ପଡିସା, ବନ୍ଧୁବାନ୍ଧବ, ବାଲେଶ୍ୱର ଜିଲ୍ଲା ବାରିକ ସମିତି, ସମସ୍ତେ ଗଭୀର ମର୍ମାହତ । ବାଲେଶ୍ୱର ଜିଲ୍ଲା ବାରିକ ସମିତିର ସଭାପତି ଆଇନଜିବୀ ଶ୍ରୀଯୁକ୍ତ ଅରବିନ୍ଦ ବାରିକ, ଉପ ସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକ, ସମ୍ପାଦକ ଶ୍ରୀଯୁକ୍ତ ଶୁଭ୍ରଲୋଚନ ବାରିକ, ଶ୍ରୀଯୁକ୍ତ କ୍ଷେତ୍ରମୋହନ ବାରିକ, ରାଜେନ୍ଦ୍ର ବାରିକ, ବିଶ୍ୱନାଥ ବାରିକ, ରମେଶ ବାରିକ, ସନ୍ତୋଷ ବାରିକ, ସନ୍ୟାସୀ ବାରିକ, ରମାକାନ୍ତ ବାରିକ, ସୁଧାକର ବାରିକ୍ ଓ ଶ୍ରୀଯୁକ୍ତ ହରେକୃଷ୍ଣ ବାରିକ ଇତ୍ୟାଦି ବହୁ ବାରିକ ଜାତିଭାଇ ମାନେ ଗଭୀର ଶୋକ ପ୍ରକାଶ କରିଥିଲେ ଏବଂ ତାଙ୍କର ଅମର ଆତ୍ମାର ବିଶ୍ରାନ୍ତୀ ପାଇଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ମଦ୍ୟପାନର କରୁଣ ପରିଣତି : ବିଧବାଙ୍କ ଗ୍ରାମରେ ପରିଣତ ହେଲା ନଚ୍ଛିପୁର, ଶୁଣ୍ଢେଳ ଓ ରାଇଡ଼ିହା



ଉଦଳା, ୧୮/୦୭ (ନି.ପ୍ର): ମଦ୍ୟପାନ କରୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାର କୁପରିଣତି ସଂପର୍କରେ କାହାରିକୁ ଆଜି କିଛି ଅଛପା ନାହିଁ । ଚୋରି, ଡ଼କାୟତି, ରାହାଜାନି ଠାରୁ ଆରମ୍ଭ କରି ବିଭିନ୍ନ ଅପ୍ରୀତିକର ପରସ୍ଥିତି ସୃଷ୍ଟିର ମୂଳ କାରଣ ଯେ ମଦ, ଏ କଥା ଆଉ ବୁଝାଇ ବାକୁ ପଡୁନାହିଁ । ବହୁଳ ଭାବରେ ଯୁବକମାନେ ମଦ୍ୟପାନ କରିବା ଯୋଗୁଁ ଅଳ୍ପ ବୟସରୁ ରୋଗ ଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । ଫଳରେ ଅନେକ ବିଧବା ମହିଳାଙ୍କୁ ଦେଖିବାକୁ ମିଳୁଛି । ଏହିପରି କପ୍ତିପଦା ବ୍ଲକର କୋଳିଅଳମ୍ ଗ୍ରା:ପ: ଅନ୍ତର୍ଗତ ନଚ୍ଛିପୁର, ବଡ଼ଖଲାଡ଼ି ଗ୍ରା:ପ: ଅନ୍ତର୍ଗତ ଶୁଣ୍ଢେଳ ଓ ମଝିଗଡ଼ିଆ ଗ୍ରା:ପ: ଅନ୍ତର୍ଗତ ରାଇଡ଼ିହା ଗ୍ରାମକୁ ବିଧବା ଗ୍ରାମ ବୋଲି କୁହାଯାଉଛି । କାରଣ ଏହି ଗ୍ରାମ ମାନଙ୍କରେ ବିଧବା ଲୋକଙ୍କ ସଂଖ୍ୟା ଅଧିକ । ଏବାବଦରେ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ରାଜ୍ୟ ସଂପାଦକ ମନମୋହନ ମିଶ୍ର କୁହନ୍ତି ଏହା ୫୦/୬୦ ବର୍ଷ ତଳର ନୁହେଁ, ଏହି ବିଗତ ୨୫ ବର୍ଷ ତଳୁ ଯେତେବେଳେକି ମଦ ଦୋକାନ ଖୋଲିବା ପାଇଁ ଗାଁ ଗଣ୍ଡା ମାନଙ୍କୁ ଲାଇସେନ୍‌ସ ମିଳିଲା ତାହା ପରଠାରୁ ଏହି ଭଳି ଗ୍ରାମ ସବୁ ଦେଖିବାକୁ ମିଳୁଛି । ଏବେ ଠାରୁ ସଜାଗ ନହେଲେ ସମଗ୍ର ଓଡ଼ିଶା ଯେ ଦିନେ ବିଧବା ରାଜ୍ୟରେ ପରିଣତ ନହେବ ଏଥିରେ ସନ୍ଦେହ ନାହିଁ ।

# ଓଡିଶା ସରକାରୀ ହାଇସ୍କୁଲ ପ୍ରାରମ୍ଭିକ ନିଯୁକ୍ତ ଶିକ୍ଷକ ସଂଘର ବୈଠକ



ବାରିପଦା, ୧୮/୦୭ (ନି.ପ୍ର): ବାରିପଦା ପ୍ରୟାସ ହଲ ପରିସରରେ ଓଡିଶା ସରକାରୀ ହାଇସ୍କୁଲ ପ୍ରାରମ୍ଭିକ ନିଯୁକ୍ତ ଶିକ୍ଷକ ସଂଘର ଆବାହକ ତପନ ବାରିକଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜ୍ୟ ସଂଘର ସଭାପତି ପଂଚାନନ ଜେନା, ମହା ସଚିବ ବିଶ୍ୱଜିତ ବିଶ୍ୱାଳ, ଉପଦେଷ୍ଟା ପ୍ରଭାତ ମହାନ୍ତି, ଓ.ଜି.ସି.ଏ. ସଭାପତି ବିଜୟ ମଲ୍ଲ, ସମ୍ପାଦକ କ୍ଷିତିସ ପଣ୍ଡା ଓ ପ୍ରଶାନ୍ତ ରାଉତରାୟ, ଓ.ଜେ.ଟି.ଏ. ର ସଭାପତି ରାକେଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଚୁକ୍ତି ଭିତିକ ପ୍ରଥାର ଉଚ୍ଛେଦ, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଓ ୬ ବର୍ଷର ଚୁକ୍ତିଭିତିକ ସମୟକୁ ମୂଳ ଚାକିରିରେ ମିଶାଇବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ ଆଲୋଚନା କରିଥିଲେ । ଯଥା ଶୀଘ୍ର ଦାବି ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଉକ୍ତ ବୈଠକରେ ସଂଘର କର୍ମକର୍ତ୍ତା ସଂଜୀବ ଦଳାଇ, ପ୍ରସନ୍ନ ଗଡତିଆ, ମନୋଜ କୁମାର ଜେନା, ଅତସି କୁଣ୍ଡୁ, ଭାଗ୍ୟଶ୍ରୀ ହୋତା, ମୌସୁମୀ ମଣ୍ଡଳ ପ୍ରମୁଖ ଆଲୋଚନାରେ ଚୁକ୍ତି ଭିତିକ ଶିକ୍ଷକ ସମାଜର ବହୁବିଧ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ବୈଠକରେ ସଂଘର ମୟୂରଭଂଜ ଶାଖାର ନୂତନ କର୍ମକର୍ତା ଭାବରେ ଅଭିନନ୍ଦନ ମହୁରୀ- ସଭାପତି, ମନୋଜ କୁମାର ଜେନା ଓ ସାଶ୍ୱତ ବେହେରା-କାର୍ଯ୍ୟକାରୀ ସଭାପତି, ଶୁଭଶ୍ରୀ ପତି-ଉପ ସଭାପତି, ସରତ କୁମାର ବେହେରା-ସମ୍ପାଦକ, ଦେବରାଜ ମିଶ୍ର- ସହ ସମ୍ପାଦକ, ପ୍ରୀତମ ସେଠୀ ଓ ଦିପିକା ସେନାପତି- କୋଷାଧକ୍ଷ ପ୍ରମୁଖ ସର୍ବସମ୍ମତି କ୍ରମେ ଚୟନ ହୋଇଥିବାର ଜଣାଯାଇଛି । ବୈଠକରେ ମୟୂରଭଂଜ ଜିଲ୍ଲା ସଂଘର ସଭାପତି ପ୍ରିୟବ୍ରତ ବେହେରା, କୋଷାଧକ୍ଷ ସରୋଜ ମହାନ୍ତ, ପୂର୍ବତନ ସମ୍ପାଦକ ତଥା ଉପଦେଷ୍ଟା ଅଜିତ ମହାନ୍ତି, ଉପ ସଭାପତି ଉତ୍ପଳ ଭଦ୍ର, ପୂର୍ବତନ କୋଷାଧକ୍ଷ ରାଜେଶ ଶୁଭଙ୍କର ପ୍ରମୁଖ ଉପସ୍ଥିତ ଥିବା ବେଳେ, ଶେଷରେ ଶିକ୍ଷକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲେଶ୍ୱର, ମଙ୍ଗଳବାର, ୧୯ ଜୁଲାଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଏମ୍ସ ଭୁବନେଶ୍ୱରରେ ଦଶମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୮/୦୭ (ନି.ପ୍ର): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୂର୍ବ ଭାରତରେ ଏମ୍ସ ଭୁବନେଶ୍ୱର ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନଙ୍କର ଆସ୍ଥାଭାଜନ ହେବାରେ ସ'ଳ ହୋଇଛି। ଆଗାମୀ କିଛିବର୍ଷ ମ୍ଧରେ ଏହା ଦେଶର ଏକ ଶ୍ରେଷ୍ଠ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବା ନେଇ କୌଣସି ସଂଶୟ ନାହିଁ। ପ୍ରଥମ ଦଶନ୍ଧିର ସଫଳ ଯାତ୍ରାରେ ଏହି ଜାତୀୟ ଅନୁଷ୍ଠାନ ଅନେକ ମାଇଲଖୁଂଟ ହାସଲ କରିଛି ଏବଂ ଏକ ଗୌରବମୟ ଭବିଷ୍ୟତର ବିଶ୍ୱାସ ସୃଷ୍ଟି କରିଛି। ରୋଗୀ ସେବା, ଗବେଷଣା ଅଥବା ଅନ୍ୟାନ୍ୟ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟ, ଏମ୍ସ ଭୁବନେଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ଅନେକ ପ୍ରଶଂସା ଅର୍ଜନ କରିଥିବା ଏହି ଅନୁଷ୍ଠାନର ଦଶମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥି ତଥା ମାନ୍ୟଗଣ୍ୟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଚଳିତ ମାସ ୧୫ରେ ଅନୁଷ୍ଠିତ ଏମ୍ସର ଦଶମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଏମ୍ସ ଯୋଧପୁରର ନିର୍ଦ୍ଦେଶକ ପ୍ରଫେସର ସଞ୍ଜୀବ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଥମ ଦଶନ୍ଧିର ସଫଳ ଯାତ୍ରା ପାଇଁ ଏମ୍ସ ଭୁବନେଶ୍ୱରର ଚିକିତ୍ସକ, କର୍ମଚାରୀ ଏବଂ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍ୱାସ୍ଥ୍ୟସେବା, ଡାକ୍ତରୀ ଶିକ୍ଷା ଏବଂ ଗବେଷଣାରେ ଡିଜିଟାଲ ନବସୃଜନ ପାଇଁ ଟେକ୍ନୋଲୋଜିର ସହଯୋଗ ଉପରେ ପ୍ର'ସେର ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଆଭାଷୀ ସମ୍ଭାଷଣରେ ଏମ୍ସ ଭୁବନେଶ୍ୱର ନବନିଯୁକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ସୁପରିଚାଳନା ପାଇଁ ଉନ୍ନତ ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ସୂଚନା ଦେଇ କହିଥିଲେ ଯେ ଏମ୍ସ ଭୁବନେଶ୍ୱରରେ ବହୁ ପ୍ରତୀକ୍ଷିତ ବୃକକ (ରେନାଲ୍ ଟ୍ରାନ୍ସପ୍ଲାଣ୍ଟ) ସର୍ଜରୀ ଅଗଷ୍ଟରୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଏହି ଜାତୀୟ ଅନୁଷ୍ଠାନ ରାଜ୍ୟ ସରକାରଙ୍କ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ (ଡିଏମଇଟି)ଙ୍କ ଠାରୁ ଆବଶ୍ୟକ ଅନୁମତି ପାଇସାରିଛି। ଏଥିସହିତ ଖୁବ୍ ଶୀଘ୍ର ଏଠାରେ ଏକ ଉତ୍ସର୍ଗୀକୃତ ପ୍ଲାଷ୍ଟିକ୍ ୱାର୍ଡ, ନୂତନ ଟ୍ରମା ଏବଂ ଜରୁରୀକାଳୀନ ୱାର୍ଡ ଏବଂ ଧର୍ମଶାଳା ସେବା ଆରମ୍ଭ ହେବାକୁ ଯାଉଥିବା ଡକ୍ଟର ତ୍ରିପାଠୀ ସୂଚନା ଦେଇଥିଲେ।

## ପଡିଆରେ ୧୪୪ ଧାରା ଜାରି କଲା ପ୍ରଶାସନ



ବାଲିଆପାଳ, ୧୮/୦୭ (ନି.ପ୍ର): ବାଲିଆପାଳ ପ ।ୟତର କଟୁଆପଡା ମୌଜାରେ ଥିବା ୭୦ ବର୍ଷର ପୁରୁଣା ଖେଳପଡିଆ ତଥ ନେତାଜୀ ଷ୍ଟାଡିୟମରେ ବସଷ୍ଟାଣ୍ଡ ନିର୍ମାଣ କୁ ବିବାଦ ସମାଧାନର ନାଁ ଧରୁନାହିଁ ।ଗୋଟିଏ ପଟେ ସ୍ଥାନୀୟ ଜନସାଧାରଣ ଦଳମତ ନିର୍ବିଶେଷରେ ପଡିଆ ସଂଲଗ୍ନ ଚତୁଃପାର୍ଶ୍ୱ ରେ ଜବର ଦଖଲରେ ଥିବା ସମସ୍ତ ଜମିକୁ ବାହାର କରାଯାଇ ଖେଳପଡିଆପାଇଁ ସ୍ଥାନଛାଡି ଅବଶିଷ୍ଟ ଜମିରେ ବସଷ୍ଟାଣ୍ଡ ନିର୍ମାଣଜିଦରେ ଥିବା ବେଳେ ଆଜି ବାଲିଆପାଳ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ପଡିଆ ଉପରେ ୧୪୪ଧାରାଜାରି କରାଯାଇଛି ।ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ତହସିଲ କର୍ଚାରୀ ଓ ପୋଲିସ ଉପସ୍ଥିତିରେ ଉକ୍ତପଡିଆରେ ନାଲି ପତକା ଲଗାଇ ୧୪୪ ଧାରା ଘୋଷା କରିଛନ୍ତି । କଟୁଆପଡା ମୌଜାର ପ୍ଲଟ ନମ୍ବର ୧୭୬ ଖାତା ନଂ ୪୬୮ ପ୍ଲଟ ନଂ ୧୭୮ ଖାତା ନଂ ୪୧୩,୪୬୫ ଓ ପ୍ଲଟ ନଂ ୧୮୦ ଖାତା ନଂ ୪୬୬ ଜମି ଉପରେ ଏହି ନିୟମ ଲାଗୁ କରିଛନ୍ତି । ୫ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏକତ୍ର ପଡିଆରେ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡାକବାଜି ଯନ୍ତ୍ରରେ ଘୋଷଣା କରାଯାଇଛି । ଏହାକୁ ନେଇ ଏବେ ସାଧାରଣରେ ତୀବ୍ର ଉ ଜେନା ପ୍ରକାଶ ପାଇଛି । ଏହି ସପ୍ତାହରେ ଏହି ପଡିଆରେ ଏକ ଫୁଟବଲ ଟୁର୍ଣ୍ଣାମେ ଅନୁଷ୍ଠିତ ହେବାକୁ ଥିବା ବେଳେ ତାହାକୁ ମଧ ପ୍ରଶାସନ ବନ୍ଦ କରିଛି । ପଡିଆକୁ ଲାଗି ରହିଥିବା ଜବର ଦଖଲକୁ ଉଚ୍ଛେଦ ନ କରି ପିଲାମାନଙ୍କ ଖେଳପଡିଆରେ ବସଷ୍ଟାଣ୍ଡ ନିର୍ମାଣ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ପଟରେ ବାଲିଆପାଳ ବ୍ଲକ ଶହ ଶହ ଖେଳାଳୀ, ବୁଦ୍ଧିଜୀବି ଏହା ବିରୋଧରେ ଏକତ୍ର ହୋଇ ଏକ ବଡ ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ଜଣାଯାଇଛି । ପ୍ରଶାସନ ପକ୍ଷରୁ ଏହି ନିଷ୍ପତି ପ୍ରତ୍ୟାହାର ନ କଲେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅହରାତ୍ର ଅନଶନରେ ବସିବେ ବୋଲି ଆନ୍ଦୋଳନ କାରୀ ପକ୍ଷରୁ ଚେତାବନୀ ଦିଆଯାଇଛି । ସୂଚନା ଯୋଗ୍ୟ ଏହି ପଡିଆଟି ସୁବର୍ଣ୍ଣରେଖା ହାଇସ୍କୁଲ ,ସୁବର୍ଣ୍ଣରେଖା ଯୁବକ୍ରୀଡା ସଂସଦ,ସମେତ ବ୍ଲକର ବିଭିନ୍ନ ସ୍ଥାନରୁ ଖେଳାଳୀ ମାନେ ଖେଳିଥାନ୍ତି । ବାଲିଆପାଳ ମହୋତ୍ସବ,ଗ୍ରାମୀଣ ମେଳା ସାଙ୍ଗକୁ ବହୁ ରାଜନୈତିକ ସଭା ଏହି ପଡିଆରେ ଅନୁଷ୍ଠିତ ହୋଇଆସୁଅଛି । ପୂର୍ବତନ ବିଧାୟକଙ୍କ ଜୟନାରାୟଣ ମହାନ୍ତିଙ୍କ ପ୍ରଚେଷ୍ଟାରେ ଏହି ପଡିଆକୁ ନେତାଜୀ ଷ୍ଟାଡିୟମ ନାମରେ ନାମିତ କରାଯାଇ ପାଚେରୀ ନିର୍ମାଣ କାମ ସରିଥିଲା । ତେବେ ପ୍ରଶାସନ ଏହି ଷ୍ଟାଡିୟମର ପୁନଃରୁଦ୍ଧାର କରିବା ପରିବର୍ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନେଇ ସର୍ବସାଧାରଣରେ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ମିଳନୀ ପ୍ରସ୍ତୁତି

ବାଲେଶ୍ୱର,୧୮/୦୭ (ନି.ପ୍ର): ଆସନ୍ତା ଅଗଷ୍ଟ ମାସ ୨୭ ଓ ୨୮ ତାରିଖ ଦୁଇଦିନ ବ୍ୟାପୀ ବାଲେଶ୍ୱରରେ ଆୟୋଜନ ହେବାକୁ ଯାଉଥିବା ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୩ ତମ ରାଜ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପରିବହନ କର୍ମଚାରୀ ସଂଘ ସଭାଗୃହରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସମିତିର ସର୍ବଭାରତୀୟ ସମ୍ପାଦିକା ନାରୀନେତ୍ରୀ ତାପସ୍ୱୀ ପ୍ରହରାଜ, ରାଜ୍ୟ ସଭାନେତ୍ରୀ ସୁରଜିତା ନାୟକ, ଜିଲା ସଭାନେତ୍ରୀ ହରପ୍ରିୟା ଜେନା, ସମ୍ପାଦିକା ସ୍ନେହଲତା ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟ ସମ୍ମିଳନୀ ଆୟୋଜନର ଆଭିମୁଖ୍ୟ ଓ ସମ୍ଭାବ୍ୟ ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ସମାଜରେ ନାରୀମାନଙ୍କ ପ୍ରତି ବଢ଼ି ଚାଲିଥିବା ନିର୍ଯାତନା କ୍ରମଶଃ ଅସହ୍ୟ ହୋଇଥିବା ବେଳେ ଏ ବାବଦରେ ସଚେତନତା ସୃଷ୍ଟି ଏକାନ୍ତ ଆବଶ୍ୟକ ହୋଇଛି ବୋଲି ସମିତିର ଜାତୀୟ ଓ ରାଜ୍ୟ ସ୍ତରୀୟ ନେତ୍ରୀମାନେ ମତ ପ୍ରକାଶ କରିଛନ୍ତି। ନାରୀ ଜାଗରଣ କ୍ଷେତ୍ରରେ ବାଲେଶ୍ୱର ସର୍ବଦା ଆଗରେ ରହିଥିବା ବେଳେ ସାଧାରଣରେ ସଚେତନତା ଏଇଠାରୁ ଆରମ୍ଭ ସହ ଆବଶ୍ୟକ ସ୍ଥଳେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ସମିତି ଲକ୍ଷ୍ୟ ରଖିଥିବା ସେମାନେ ସୂଚନା ଦେଇଛନ୍ତି ।ଏନେଇ ରାଜ୍ୟ ସମ୍ମିଳନୀରେ ସମଗ୍ର ଓଡ଼ିଶାରୁ ୨ଶହରୁ ଅଧିକ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାର ସଫଳତା ପାଇଁ କର୍ମକର୍ତ୍ତାମାନେ ବିଭିନ୍ନ ମହଲରୁ ସହଯୋଗ କାମନା ସହ ସ୍ୱତନ୍ତ୍ର ଅଭ୍ୟର୍ଥନା କମିଟି ଗଠନ ଉପରେ ଗୁରୁତ୍ୱାରୋପ କରିଛନ୍ତି ।ଏହି ଅବସରରେଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷା ଭାବେ ଡ.ବିନୀତା ପଣ୍ଡା ରହିଥିବା ବେଳେ ସମ୍ପାଦିକା ଭାବେ ଜିଲା ସଭାପତି ଶ୍ରୀମତୀ ଜେନାଙ୍କୁ ମନୋନୀତ କରାଯାଇଛି । କୋଷାଧ୍ୟକ୍ଷ ଭାବେ ଶ୍ୟାମସୁନ୍ଦର ଜେନାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସେହିଭଳି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବାଲେଶ୍ୱର ବାର ଆସୋସିଏସନ ସଭାପତି ଆଇନଜୀବୀ ମନୋଜ ନାୟକଙ୍କ ସମେତ ବିଭିନ୍ନ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସମାଜସେବୀ ଓ କବି ତଥା ସାହିତ୍ୟିକଙ୍କୁ ମଧ୍ୟ ଏହି କମିଟି ଉପଦେଷ୍ଟା ଭାବେ ରଖାଯାଇଛି। ଆସନ୍ତା ଦୁଇଦିନିଆ ରାଜ୍ୟ ସମ୍ମିଳନୀକୁ ସଫଳ କରିବା ପାଇଁ କର୍ମକର୍ତ୍ତାମାନେ ଏହି ବୈଠକରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଶିଇର ହୁଇ, ସୀତାଂଶୁ ସେନାପତି, ଶ୍ୟାମସୁନ୍ଦର ଜେନାଙ୍କ ସମେତ ବହୁ ବାମପନ୍ଥୀ ନେତା ଏହି ବୈଠକରେ ଉପସ୍ଥିତ ଥିଲେ।

## ବାରିପଦା ଷ୍ଟାଡିୟମରେ ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ : ପଶ୍ଚିମବଙ୍ଗ ଚାମ୍ପିୟନ

ବାରିପଦା, ୧୮/୦୭ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଂଜ ଏଥଲେଟିକ ଆସୋସିଏସନ ଓ ମୟୁରଭଞ୍ଜ ଫୁଟବଲ ପ୍ଲେୟାର୍ସ ଆସୋସିଏସନ ଆନୁକୂଲ୍ୟରେ ଶନିବାର ପଶ୍ଚିମବଙ୍ଗ ଓ ମୟୁରଭଂଜ ଟିମ ମଧ୍ୟରେ ଏକ ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ଆକର୍ଷଣୀୟ ମ୍ୟାଚରେ ପଶ୍ଚିମବଙ୍ଗ ଦଳ ମୟୁରଭଂଜକୁ ଟାଇ ବ୍ରେକର ଜରିଆରେ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି ଓ ଏହି ଖେଳକୁ ଉତ୍କଳ ମଣି ବେହେରା, ବାପୁନ କୁମାର ମହାନ୍ତ ଓ ସୀତାରାମ ସୁଲତାନ ହାଁସଦା ପରିଚାଳନା କରିଥିଲେ ଓ ଚମ୍ପିୟାନ ଦଳକୁ ନଗଦ ରାଶି ୫ହଜାର ଓ ରନର୍ସ ଅପ ଦଳକୁ ୩ହଜାର ଟଙ୍କା ପ୍ରଦାନ କରାଯାଇଛି ଓ ଡା. ଦେବାଶିଷ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ହୃଦାନନ୍ଦ ମୁର୍ମୁ, ଦୁର୍ଗା ମାରାଣ୍ଡି, ବାଙ୍ଗିରିପୋଷି ବ୍ଲକର ପୂର୍ବତନ ଅଧକ୍ଷ ପ୍ରିୟନାଥ ମାରାଣ୍ଡି, ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସହ ସମ୍ପାଦକ ଅମର କୁମାର ସେଠି, ମିଡ଼ିଆ ସଂଯୋଜକ ସୋମନାଥ ସିଂହ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ଓ ସଂଗଠନ ସମ୍ପାଦକ ମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ଓ ପୂର୍ବତନ କ୍ରୀଡା ଅଧିକାରୀ କୁମାର ରଂଜନ ପଣ୍ଡା ପୁରସ୍କାର ବିତରଣୀ ସଭା ପରିଚାଳନା କରିଥିବା ବେଳେ ଧର୍ମରାଜ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମର ଯବାନ ଯୁବ ସଂଗଠନ ତରଫରୁ ବୃକ୍ଷରୋପଣ ଓ ବର୍ଣ୍ଟନ

ବସ୍ତା, ୧୮/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦରବ୍ଲକ ମହକୁମା ଦୁବଲାଗଡି ପଞ୍ଚାୟତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଅମର ଯବାନ' ଯୁବ ସଂଗଠନ ତରଫରୁ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସମୟର ଚକ୍ର ମାସିକ ପତ୍ରିକାର ସଂପାଦକ ସର୍ବେଶ୍ୱର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦାନକରି ବାହାବଲପୁର ମୁହାଣ ବାତ୍ୟା ଆଶ୍ରୟ ସ୍ଥଳି ଠାରେ ବୃକ୍ଷ ରୋପଣ ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବରେ ବ୍ୟାସକବି ସାସ୍କୃତିକ ସଂଗଠନର ସଂପାଦକ ଅନୀଲ କୁମାର ସାହୁ ଓ ବାହାବଳପୁର ବଣିକ ସଂଘର ସଭାପତି ନିରଞ୍ଜନ ମଣ୍ଡଳ ଯୋଗ ଦେଇ ଗ୍ରାମ ବାସୀ ମାନଙ୍କୁ ଚାରା ବର୍ଣ୍ଟନ କରିଥିଲେ । ବାତ୍ୟାଶ୍ରୟ ସ୍ଥଳି ଠାରୁ ଦୁବଲାଗଡି ଶୀତଳା ମନ୍ଦିର ପର୍ଯ୍ୟନ୍ତ ରାସ୍ତା କଡ଼ରେ ୫୦ରୁ ଉର୍ଦ୍ଧ୍ୱ ଜାମ, ଆମ୍ବ, ନିମ୍ବ, ନଡ଼ିଆ, ଅଁଳା, କଷାଫଳ ବୃକ୍ଷ ଚାରା ଲଗାଇଥିଲେ । ପରିବେଶ ଉପଯୋଗୀ ତଥା ଫଳ ବୃକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଚାରା ବର୍ଣ୍ଟନ କରାଯାଇଥିଲା । ସଂଗଠନର ଉପଦେଷ୍ଟା ଶିକ୍ଷୀ କେଶୁଦାସ ଓ ଅନନ୍ତ କୁମାର ଜେନା ଯୋଗ ଦେଇ ଥିବା ବେଳେ ସଭାପତି ଭକ୍ତ ଚରଣ ଦାସ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ସଦସ୍ୟ ଗୌରଗୋପଳ ସାହୁ, ଅଭିଜିତ ନାୟକ, ଶିବ ଶଙ୍କର ପ୍ରଧାନ, ଶୁଭଙ୍କର ଦାସ, ପ୍ରଶାନ୍ତ ଦାସ, କୃଷ୍ଣ ଗୋପାଳ ସାହୁ, ସହଦେବ ଜେନା, ମନୋଜ ଦାସ, ସୁଶାନ୍ତ ସାହୁ, ମହେଶ୍ୱର ମାନ୍ନା , ରାଜେନ୍ଦ୍ର ଦାସ, ଅଜୟ ଜେନା ପ୍ରମୁଖ ବୃକ୍ଷରୋପଣରେ ସହଯୋଗ କରିଥିଲେ ।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ବୈଠକ

ବାଲେଶ୍ୱର,୧୮/୦୭ (ନି.ପ୍ର): ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଶାଖାର ବୈଠକ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକ ଶାଖା କର୍ମକର୍ତ୍ତାମାନେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତିକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରତ୍ୟେକ ବ୍ଲକ ପାଇଁ ଜଣେ ଜଣେ ଉପଦେଷ୍ଟା ମନୋନୀତ କରାଯାଇଛି । ଆରଟିଆଇ ଜରିଆରେ ତଥ୍ୟ ସଂଗ୍ରହ ଉପରେ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ଜ୍ଞାନାନନ୍ଦ ମିଶ୍ର, ନାମଦେବ କମିଳାଙ୍କୁ ଦାୟିତ୍ୱ ଅର୍ପଣ କରାଯାଛି। ବୈଠକରେ ସମ୍ପାଦକ ମହେଶ୍ୱର ପ୍ରଧାନ ବିବରଣୀ ଆଗାମୀ କାର୍ଯ୍ୟପନ୍ଥା ସମ୍ପକିତ ତଥ୍ୟ ଉପସ୍ଥାପନ କରିଥିଷଲ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ରାଉଳ, ସୁରେଶ ରଣା, ଅମୂଲ୍ୟ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଦୀପ କୁମାର ରଣା, ତ୍ରିଲୋଚନ ପ୍ରଧାନ, ଭରତ ଲାକ୍ରା ପ୍ରମୁଖ ଏଥିରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନୀଳଗିରିରେ ଚିଟ୍‌ଫଣ୍ଡ ଠକେଇ, ବ୍ୟାଙ୍କରୁ ଋଣ କରାଇ ଦେବା ନାଁରେ ୪୪ହଜାର ଠକି ନେଲା

ନୀଳଗିରି, ୧୮/୦୭ (ନି.ପ୍ର): ଦିନକୁ ଦିନ ନୀଳଗିରି ଅଂଚଳରେ ଚିଟ୍‌ଫଣ୍ଡ ଠକେଇ ଚାଲିଥିବା ବେଳେ ନୀରିହ ମହିଳା ଗୋଷ୍ଠୀଙ୍କୁ ଲୋନ୍ କରାଇ ଦେବାର ଆଳ ଦେଖାଇ ହଜାର ହଜାର ଟଙ୍କା ଠକେଇ କରି ନେଇଥିବାର ବହୁ ନଜର ଅଛି । ଶ୍ରୀରାମ ବ୍ୟାଙ୍କର ପଦସ୍ଥ ଅଧିକାରୀର ପରିଚୟ ଦେଇ ସିଆଡ଼ିମାଳ ପଂଚାୟତର ଜାମଘାଟି ଗ୍ରାମରେ ଥିବା ମା'ଲକ୍ଷ୍ମୀ ନାରୀ ସଂଘଙ୍କ ସହିତ ଯୋଗାଯୋଗ କରି ସଂଘର ସଭାନେତ୍ରୀ ରାଧାମଣୀ ସିଂ, ସଂପାଦକ ଫୁଲମଣୀ ସିଂ ସମେତ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ଶ୍ରୀରାମ ବ୍ୟାଙ୍କରୁ ଆପଣଙ୍କ ସଂଘ ନାମରେ ୫ଲକ୍ଷ ଟଙ୍କାର ଋଣ କରିଦେବାର ପ୍ରତିଶୃତି ଦେବା ପରେ ଋଣ କରିବାର ପ୍ରୋସେସିଂ ଫି ବାବଦରେ ୪୪ହଜାର ଦାବୀ କରିଥିଲେ। ପରେ ସଂଘରେ ନିଷ୍ପତି କ୍ରମେ ତା୨୨.୬.୨୨ରିଖରେ ୪୪ହଜାର ଟଙ୍କା ପୈଠ କରିଥିଲେ। ମାତ୍ର ଦିନ ପରେ ଦିନ ବିତିଯାଉଥିବା ବେଳେ ବାରମ୍ବାର ତାଙ୍କ ମୋବାଇଲ ନଂ. ୮୨୪୯୭୪୨୬୮୦, ୯୩୪୮୯୭୫୬୭୭୭ କୁ ଫୋନ କରୁଥିବା ବେଳେ ଭଦ୍ରବ୍ୟକ୍ତି ଜଣକ ଫୋନ୍ ଉଠାଉ ନ ଥିବାର ନୀଳଗିରି ଥାନାରେ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି । ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି ।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ୭୩ଟି ଅଭିଯୋଗ




ଭଦ୍ରକ, ୧୮/୦୭ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ସମୁଦାୟ ୭୩ଟି ଅଭିଯୋଗର ଶୁଣାଣି କରିଥିଲେ। ଏସ.ପି. ଚରଣ ସିଂ ମିନା, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର ଓ ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ସମୁଦାୟ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୬୧ଟି ଥିଲାବେଳେ ୧୨ଟି ସାମୁହିକ ଥିଲା। ଜିଲ୍ଲାପାଳ ୨ଜଣଙ୍କୁ ୧୦,୦୦୦/- ଟଙ୍କା ଲେଖାଏଁ ଏବଂ ଜଣଙ୍କୁ ୨୫୦୦/- ଟଙ୍କା ଚିକିତ୍ସା ନିମନ୍ତେ ସହାୟତା ପାଇଁ ରେଡ୍‌କ୍ରସ ପାଣ୍ଠିରୁ ମଞ୍ଜୁର କରିଥିଲେ। ଉକ୍ତ ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ଉପକରଣମାନ ବଣ୍ଟନ କରାଯାଇଥିଲା। ସରକାରୀ ରାସ୍ତା ଅବରୋଧ, ଶିକ୍ଷା ବିଭାଗରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା, ଭତ୍ତା, ସାମାଜିକ ସୁରକ୍ଷା, ଗୃହ ନିର୍ମାଣ ସହାୟତା, ଆଦି ସମ୍ବନ୍ଧରେ ଅଭିଯୋଗମାନ ଉପସ୍ଥାପନା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରି ଯଥାଶିଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ଦନ୍ତାହାତୀର ମୃତ୍ୟୁକୁ ନେଇ ଦ୍ୱନ୍ଦରେ ବନବିଭାଗ



ନୀଳଗିରି, ୧୮/୦୭ (ନି.ପ୍ର): କୁଲଡିହା ଅଭୟାରଣ୍ୟରେ ପାଦଦେଶ ଗାଁ ଗୁଡ଼ିକରେ ମଣିଷମରା ଦନ୍ତାହାତୀଟି ଅନେକ କ୍ଷୟକ୍ଷତି ଘଟାଉଥିବା ବେଳେ ଅନେକ ଅମୂଲ୍ୟ ଜୀବନକୁ ମଧ ନେଇଛି । ଏଥିପାଇଁ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଥିଲେ । କ୍ଷୟକ୍ଷତି ନେଇ ଅଂଚଳବାସୀ ବହୁବାର ବନବିଭାଗ ଠାରେ ଅଭିଯୋଗ କରି ଆସୁଥିଲା ବେଳେ ବନବିଭାଗ ନୀରବଦ୍ରଷ୍ଟା ପାଲଟିଥିଲେ । ମାତ୍ର ଏହି ମଣିଷମରା ଦନ୍ତାହାତିଟି ନୀଳଗିରି ବନବିଭାଗ ଅଧିନସ୍ଥ ବାରାଗଡ଼ିଆ ଗ୍ରାମର ପୁରସ୍ତମ ସିଂଙ୍କ ବାଡ଼ି ଘେର ମଧ୍ୟରେ ମରି ପଡ଼ିଥିଲା । ମରିବା ସମୟରେ ଦନ୍ତାହାତିଟି ରାତିରେ ଗର୍ଜନ କରିଥିବାର ଶୁଣିବାକୁ ପାଇଥିଲେ । ସକାଳେ ପୁରସ୍ତମ ବାଡ଼ିକୁ ଯାଇଥିବା ବେଳେ ମଣିଷମରା ଦନ୍ତାଟି ମରି ପଡ଼ିଥିବାର ଦେଖିବାକୁ ପାଇଥିଲେ । ଖବର ପ୍ରସାର ହେଲାପରେ ଘଟଣାସ୍ଥଳରେ ଶହ ଶହ ଲୋକ ରୁଣ୍ଡ ହୋଇଯାଇଥିଲେ । ପରେ ନୀଳଗିରି ବନବିଭାଗକୁ ଖବର ଦେବା ପରେ ବାଲେଶ୍ୱର ଡି.ଏଫ.ଓ. ଆୟୁଷ ଜୈନ, ନୀଳଗିରି ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା, ଫରେଷ୍ଟର ଶ୍ରୀଧର ଲେଙ୍କା, ଫରେଷ୍ଟଗାର୍ଡ ଘଟଣାସ୍ଥଳରେ ପହଂଚି ମୃତ ଦନ୍ତାହାତୀର ମୃତ୍ୟୁର କାରଣ ପରଖିଥିଲେ । ତେବେ ଉକ୍ତ ଦନ୍ତାହାତୀଟି ବିଷକ୍ରିୟାରେ ମୃତ୍ୟୁବରଣ କରିଛି କି ବୟସାଧିକ ଯୋଗୁଁ ମରିଛି ତାହାକୁ ନେଇ ବନବିଭାଗ ଦ୍ୱନ୍ଦରେ ପଡ଼ିଛି । ଘଟଣାସ୍ଥଳରେ ପଶୁଡାକ୍ତର ପହଂଚି ମୃତ ଦନ୍ତାହାତୀର ଶବବ୍ୟବଚ୍ଛେଦ କରାଇଲା ପରେ ଦନ୍ତାହାତୀଟିକୁ ପୋତି ଦିଆଯାଇଛି । ତେବେ ସୂଚନାଥାଉକି ୧ବର୍ଷ ମଧ୍ୟରେ ୪ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ବନବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଯଦି ବନବିଭାଗ ହାତୀ ମୃତ୍ୟୁ ଉପରେ ତର୍ଜମା ନ କରେ ଆଗାମୀ ଦିନରେ କୁଲଡିହା ଅଭୟାରଣ୍ୟରୁ ଧୀରେଧୀରେ ହାତୀବଂଶ ଲୋପ ପାଇବବୋଲି ପରିବେଶବିତ୍ ମାନେ ଆଶା ପ୍ରକଟ କରିଛନ୍ତି ।

## 'ମୁଢ଼ି' ଉପରେ ଜିଏସଟି ଲାଗୁ ପ୍ରତିବାଦରେ ବାଲେଶ୍ୱର ଲୋକମଞ୍ଚର ଧାରଣା




ବାଲେଶ୍ୱର,୧୮/୦୭ (ନି.ପ୍ର): ସାଧାରଣ ଓଡ଼ିଆ ଖାଦ୍ୟ ମୁଢ଼ି ଉପରେ କେନ୍ଦ୍ର ସରକାରଙ୍କ ୫ ପ୍ରତିଶତ ଏକକ ସେବ କର (ଜିଏସଟି) ଲାଗୁକୁ ବିରୋଧ କରିଛି ବାଲେଶ୍ୱର ଲୋକ ମଞ୍ଚ। ଏନେଇ ସଂଗଠନର କର୍ମକର୍ତ୍ତା ଓ ସଦସମାନେ ସୋମବାର ଅପରାହ୍ଣରେ ସମିଳିତ ହୋଇ ପ୍ରତୀକ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ମଞ୍ଚର ଆବାହକ ବିକ୍ରମ ପଣ୍ଡା, ସଭାପତି ଅସିତ ଦାସଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ବାଲେଶ୍ୱର ବିକ୍ରୟ କର ତଥା ଜିଏସଟି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ମୁଢ଼ି ଓ ଚୁଡ଼ା ଓଡ଼ିଶାବାସୀଙ୍କର ନିତି ଦିନିଆ ଖାଦ୍ୟ ହୋଇଥିବା ବେଳେ ଏହା ସହ ପ୍ରତ୍ୟେକ ଓଡ଼ିଆଙ୍କ ଭାବାବେଗ ଜଡ଼ିତ ରହିଛି। ଏହା ଉପରେ ୫ ପ୍ରତିଶତ ଜିଏସଟି ଲାଗୁ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନିଷ୍ପତ୍ତିକୁ ପ୍ରମାଣିତ କରିଛି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଅନ୍ୟପକ୍ଷରେ ପେଟ୍ରୋଲିୟମକୁ ଜିଏସଟି ଭୁକ୍ତ ନ କରିବା ଓ ହୀରା ଉପରେ ମାତ୍ର ୧.୫ପ୍ରତିଶତ ଜିଏସଟି ଲାଗୁ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କ୍ଷୋଭର ସହ କରିଛନ୍ତି। ସରକାର ତୁରନ୍ତ ଏହାକୁ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ବାଲେଶ୍ୱର ଲୋକଙ୍କ ମଞ୍ଚ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବା ସହ ସମଗ୍ର ରାଜ୍ୟରେ ଏହି ଆନ୍ଦୋଳନ ବ୍ୟାପକ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟେନ୍ଦ୍ର ଦାସ, ସ୍ମାରକ ଦାସ, ସତ୍ୟପ୍ରକାଶ ପତି, ସୁଶାନ୍ତ ରଣା, ତୁଷାରକାନ୍ତି ତପସୀ, ନିଶିଥ ବାରିକ, ସମ୍ବିତ ବିଶ୍ୱାଳ, ହ୍ରିତୀକ ନାୟକ, ଆକବର ସାହା, ଅନୁପ ସ୍ୱାଇଁ, ନିଶିଥ ବାରିକଙ୍କ ସମେତ ସଂଗଠନର ବହୁ ସଦସ୍ୟ ଏହି ପ୍ରତୀକ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ରୋଟାରୀ ଇଣ୍ଟରନେସନାଲର ୩୬ତମ ଅଧିଷ୍ଠାନ ଦିବସ ପାଳିତ




ଜଳେଶ୍ୱର ୧୮/୭ (ନି.ପ୍ର): ଦୀର୍ଘ ୩୬ବର୍ଷ ପୂର୍ବେ ଜଳେଶ୍ୱରରେ ଜନ୍ମ ନେଇଥିବା ରୋଟାରୀ କ୍ଲବର ଆଜି ବାର୍ଷିକ ଉତ୍ସବ ମୂରଲୀକଲ୍ୟାଣ ମଣ୍ଡପରେ ଧୂମ୍‌ଧାମ୍‌ରେ ପାଳିତ ହୋଇ ଯାଇଛି । ବିଦାୟୀ ସଭାପତି ରାଜେଶ କୁମାର ଖଟୁଆ ପ୍ରଥମ ପର୍ଯ୍ୟାୟରେ ସଭାପତିତ୍ୱ କରି ବିଭିନ୍ନ ଅଂଳରୁ ଆସିଥିବା ରୋଟାରିଆନ୍‌ମାନଙ୍କୁ ସ୍ୱାଗତ ଜଣାଇ ବିଗତବର୍ଷର ସ'ଳତା ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ରୋଟାରୀ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ଯୋଗ ଦେଇ ରେଟାରୀର ଶୃଙ୍ଖଳା, ଆଭିମୁଖ୍ୟ, କର୍ତ୍ତବ୍ୟ, କାର୍ଯ୍ୟକାରୀତା ସଂପର୍କରେ ଅଭିଭାଷଣ ରଖିଥିଲେ । ସମ୍ମାନୀତ ଅତିଥିଭାବେ ରୋଟାରୀ ଜିଲ୍ଲା ୩୨୬୨ର ସଂପାଦକ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇ ରୋଟାରୀର ସମ୍ମିଳୀତ ଉଦ୍ୟମ 'ଳରେ ଦେଶରୁ ପୋଲିଓ ନିର୍ମୁଳ ହେବାକୁ ଯାଉଥିବା ବେଳେ ଆସନ୍ତା ଦିନରେ ବହୁ ଜନହୀତକର କାର୍ଯ୍ୟ ହେବ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ରୋଟାରୀ ଜିଲ୍ଲା ଜୋନ୍‌ର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ । ପ୍ରଭାତ କୁମାର ସାହୁ ମଂଚ ଆହ୍ୱାନ କରିଥିଲେ । ସଂପାଦକ ମଣିଭଦ୍ର ଜେନା ବିଗତବର୍ଷର ସଫଳତା ସଂପର୍କରେ ବିବରଣୀ ପାଠ କରିଥିବା ବେଳେ ସୁବ୍ରତ କୁମାର ରଣା ମଂଚ ପରିଚାଳନା କରିଥିଲେ । ୨ୟ ପର୍ଯ୍ୟାୟ ସଭାରେ ନବନର୍ବାଚିତ ସଭାପତି ଡ. ଦିପ୍ତିମୟୀ ମହାପାତ୍ର ଜଳେଶ୍ୱର ଓ ଭୋଗରାଇ ଅଂଚଳର ଶ୍ରମିକ, ମତ୍ସଜିବୀ ଓ କେତେକ ସମୁଦ୍ରଜୀବ ମାନଙ୍କ ସଂପର୍କରେ କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବା ସଂପର୍କରେ କହିଥିଲେ । ସଂପାଦକ ସତ୍ୟନାରାୟଣ ସିଂ କାର୍ଯ୍ୟଭାର ଗ୍ରହଣ କରି ରୋଟାରୀ ଆସନ୍ତା ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସଂପର୍କରେ କହିଥିଲେ । କ୍ଲବର ମୁଖପତ୍ର 'ଦି ସର୍ଭିସ୍'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିବା ବେଳେ ମାଧ୍ୟମିକ ପରୀକ୍ଷାରେ ଟପ୍ପର ହୋଇଥିବା ପ୍ରତିଭାଧର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟ୍ରାଟ୍ କ୍ଲବର ସଭାପତିଭାବେ ରାଜକିଶୋର ହୁଇ, ସଂପାଦକ ଗୋପାଳ ବେହେରା, ଇନର ହୁଇଲ କ୍ଲବର ସଭାପତିଭାବେ ରାଜେଶ୍ୱରୀ ପାଣିଗ୍ରାହୀ ଓ ସଂପାଦିକାଭାବେ ବିନ୍ଦୁମତୀ ଗିରି କାର୍ଯ୍ୟଭାର ଗ୍ରହଣ କରିଥିଲେ । ଏଥିରେ ବାଲେଶ୍ୱର, ବାରିପଦା, ବେତନଟୀ, ବାଲିଆପାଳ, ରାସଗୋବିନ୍ଦପୁର କ୍ଲବର ବହୁ ସଦସ୍ୟ ଯୋଗ ଦେଇଥିଲେ । ଜଳେଶ୍ୱର ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ପ୍ରମୁଖ ଯୋଗ ଦେଇ କ୍ଲବର କାର୍ଯ୍ୟକୁ ଭୂୟସୀ ପ୍ରସଂସା କରିଥିଲେ । କାର୍ଯ୍ୟକ୍ରମକୁ ଦୀପକ କୁମାର ସାହୁ, ଅଶୋକ ମହାନ୍ତି, ସତ୍ୟବ୍ରତ ଜେନା, ସୁରେଶ ଦାସ, ଲକ୍ଷ୍ମିଧର ହାଁସଦା, ଅଂଶୁମାନ ରାଉତ, ନନ୍ଦନ ଦତ୍ତ, ବିକାଶ ଧର, ଦିପ୍ତିରାଣୀ ନନ୍ଦି, ମାନସ ମହାନ୍ତି, ଲେଲିନ୍ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରବୀର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo